ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.224 Bhubaneswar Wednesday October 26 2022 | ୨୫ତମ ବର୍ଷ ସଂଖ୍ୟା-୨୨୪ ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୬, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) | Member-INS

## ବ୍ରିଟେନରେ ଆରମ୍ଭ ହେଲା ସୁନକ ଶାସନ



ଲଣ୍ଡନ,୨୫।୧୦(ପି.ଏନ): ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବ୍ରିଟେନର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପାଇଛନ୍ତି ଋଷି ସୁନକ। ଆଜି ତାଙ୍କୁ ବ୍ରିଟେନର ରାଜା ଚ୍ଚାର୍ଲସ ତୃତୀୟ ବିଧିବଦ୍ଧ ଭାବେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ବକିଂହାମ ପ୍ୟାଲେସ୍ ?ରେ ଆଜି ସୁନକ ରାଜା ଚ୍ଚାର୍ଲସ ତୃତୀୟଙ୍କୁ ଔପଚାରିକ ଭାବେ ସାକ୍ଷାତ କରିଥିଲେ। ସେହିଠାରେ ବ୍ରିଟେନର ଶାସନ ଭାର ତାଙ୍କୁ ରାଜା ହସ୍ତାନ୍ତର କରିଛନ୍ତି। ଭାରତୀୟ ବଂଶୋଦ୍ଭବ ବ୍ରିଟେନ ନାଗରିକ ୪୨ ବର୍ଷୀୟ ସୁନକ ଗତକାଲି ବ୍ରିଟେନର କ୍ଷମତାସୀନ କଞ୍ଜରଭେଟିଭ ପାର୍ଟିର ନେତା ଭାବେ ନିଯୁକ୍ତି ପାଇଥିଲେ। ନିୟମ ଅନୁସାରେ ଶାସକ ଦଳର ନେତା ହିଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ। ସେହି ଅନୁସାରେ ଋଷି ସୁନକ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଛନ୍ତି। ୨୦୦ ବର୍ଷର ଇତିହାସ ମଧ୍ୟରେ ସୁନକ ସବୁଠାରୁ କନିଷ୍ଠ ରାଜନେତା ଭାବେ ବ୍ରିଟେନର ଶାସନ ଭାର ସମ୍ଭାଳିବାର ରେକର୍ଡ କରିଛନ୍ତି।ଦାୟିତ୍ୱ ନେବା ପରେ ସେ ଦେଶର ଅର୍ଥନୀତିକୁ ସଜାଡିବାକୁ ବଡ ଘୋଷଣା କରିଛନ୍ତି। ସେ କହିଛନ୍ତି, "ଆମ ଦେଶ ବର୍ତ୍ତମାନ ସାଂଘାତିକ ଅର୍ଥନୀତିକ ସମସ୍ୟା ଦେଇ ଗତି କରିଛୁ। କଠିନ ଓ କଷ୍ଟଦାୟକ ନିଷ୍ପତ୍ତି ଆଗକୁ ଆସିବ।" ସୁନକ ପୂର୍ବରୁ ବୋରିସ ଜନସନଙ୍କ ସରକାରରେ ଅର୍ଥମନ୍ତ୍ରୀ ଥିଲେ। ବିବାଦ କାରଣରୁ ଜନସନ ଇସ୍ତଫା ଦେବାରୁ ପ୍ରଧାନମନ୍ତ୍ରୀ ପଦ ପାଇଁ ନିର୍ବାଚନ ହୋଇଥିଲା। ସୁନକଙ୍କୁ ହରାଇ ଲିଜ ଟ୍ରସ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେଇଥିଲେ। କିନ୍ତୁ ଶପଥ ନେବାର ୪୫ ଦିନ ପରେ ସେ ଦେଶର ଅର୍ଥନୀତି ଓ ନିଜର ପ୍ରତିଶ୍ରୁତି ପୂରଣ କରି ନ ପାରିବାରୁ ଇସ୍ତଫା ଦେଇଥିଲେ। ସେ ଇସ୍ତଫା ଦେବା ପରେ ସୁନକ ପ୍ରଧାନମନ୍ତ୍ରୀ ପଦ ପାଇଛନ୍ତି। ଆଜି ଲିଜ ଟ୍ରସ ମଧ ରାଜା ଚ୍ଚାର୍ଲସ ତୃତୀୟଙ୍କୁ ଭେଟିଥିଲେ। ଏହି ସମୟରେ ସେ ନିଜର ଇସ୍ତଫାପତ୍ର ରାଜାଙ୍କୁ ଦେଇଥିଲେ। ଏଥିସହ ନିଜର ବିଦାୟୀ ଭାଷଣରେ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସଫଳତା କାମନା କରିଥିଲେ।

## ଲାଲବାହିନୀର ଉନ୍ମତ କାଣ୍ଡ: ସକାଳେ ହତ୍ୟା, ସନ୍ଧ୍ୟାରେ ଜେସିବି ଓ ଟ୍ରାକ୍ଟର ପୋଡିଲେ

କନ୍ଧମାଳ, ୨୫।୧୦(ପି.ଏନ): ମାଓବାଦୀ ମାନେ ପୋଲିସକୁ ଦେଇଛନ୍ତି ଖୋଲା ଚ୍ୟାଲେଞ୍ଜ। ରବିବାର ସକାଳେ ପୋଲିସ ଇନଫର୍ମର ସନ୍ଦେହରେ କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ସୁଦ୍ରା ନିକଟ ଟିକରବାଜୁ ଗ୍ରାମର ନୀଳକଣ୍ଠ ମଲ୍ଲିକଙ୍କୁ ନିର୍ମମ ଭାବେ ହତ୍ୟା କରିବାର ୬ ଘଂଟା ନ ପୂରୁଣୁ ସନ୍ଧ୍ୟାରେ ରାସ୍ତା କାମ କରୁଥିବା ଏକ ଠିକା ସଂସ୍ଥାର ଜେସିବି ଓ ଟ୍ରାକ୍ଟରକୁ ଜାଳି ଦେଇଛନ୍ତି। ଏଥିସହ ସମ୍ପୃକ୍ତ ଗ୍ରାମର ଅନ୍ୟ ଠିକାଦାର, ଗାଁ ମୁଖିଆ ଓ ଅନ୍ୟ କେତକ ପୋଲିସର ଇନଫର୍ମର ସାଜିଛନ୍ତି ସେମାନେ ଏଥିରୁ ନିବୃତ ନ ରହିଲେ ନୀଳକଣ୍ଠଙ୍କ ପରି ହତ୍ୟା କରିବାକୁ ପୋଷ୍ଟରରେ ଧମକ ଦେଇଛି ଲାଲବାହିନୀ । ଭାରତୀୟ କମ୍ୟୁନିଷ୍ଟ ପାର୍ଟି କେକେବିଏନ ଡିଭିଜନ ଏହା କରିଥିବା ନେଇ ଘଟଣାସ୍ଥଳରେ ଛାଡିଥିବା ପୋଷ୍ଟରରେ ଉଲ୍ଲେଖ କରାଯାଇଛି । ଗୋଟିଏ ଦିନରେ ଦୁଇ ଦୁଇଟି ମାଓ ହମଲାରେ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି । ଭୟରେ ଘରୁ କେହି ପଦାକୁ ବାହାରୁନାହାନ୍ତି ।ଗତ ୧୧ ତାରିଖରେ ଏହି ଜଙ୍ଗଲରେ କମ୍ବିଙ୍ଗ ବେଳେ ହୋଇଥିବା ଗୁଳି ବିନିମୟରେ ଜଣେ କ୍ୟାଡର ମହିଳା ମାଓବାଦୀର ମୃତ୍ୟୁ ଘଟାଇଥିଲା । ଏଥିସହ ପୋଲିସ ସର୍ଚ୍ଚ ଅପରେସନ କରି ବହୁ ମାଓ ସାମଗ୍ରୀ ଜବତ କରିଥିଲା । ତେବେ ଜିଲାର ବିଭିନ୍ନ ଅଂଚଳରେ ପୋଲିସର କମ୍ବିଙ୍ଗ ଅପରେସନ ଚାଲିଛି, କନ୍ଧମାଳକୁ ମାଓ ମୁକ୍ତ କରାଯିବ ବୋଲି ପୋଲିସ କହୁଛି।

## ପୋଲିସ କୁମ୍ବିଂ ବେଳେ ବିପୁଳ ମାଓ ସାମଗ୍ରୀ ଜବତ

ନୂଆପଡ଼ା, ୨୫।୧୦(ପି.ଏନ): ପୋଲିସର କୁମ୍ବିଂ ବେଳେ ବିପୁଳ ମାଓ ସାମଗ୍ରୀ ଜବତ ହୋଇଛି। ଏନେଇ ଆଜି ମଧ୍ୟାହ୍ନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୋଲିସ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର। ବୋଡ଼େନ ବ୍ଲକ ପାଟଧାରା ରିଜର୍ଭ ଜଙ୍ଗଲରେ ପୋଲିସ ପକ୍ଷରୁ ଡିଭିଏଫ, ଏସଓଜି ଏବଂ ସିଆରପିଏଫ ଯବାନଙ୍କ ମିଳିତ କୁମ୍ବିଂ ବେଳେ ବିପୁଳ ମାଓ ସାମଗ୍ରୀ ଜବତ ହୋଇଥିବା ପୋଲିସ ଏସପି ପ୍ରତ୍ୟୁଷ ଦିବାକର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇ ହୋଇଥିଲା ।ଏନେଇ ଅଧିକ ସୂଚନା ଦେଇ ସେ କହିଛନ୍ତି ଯେ, ଗୁଇନ୍ଦା ବିଭାଗର ସୂଚନା ମତେ ମାଓବାଦୀମାନେ ବ୍ୟାପକ ଅସାମାଜିକ କାର୍ଯ୍ୟକଳାପ ଏବଂ ମାଓ କାର୍ଯ୍ୟ କରିବା ସୂଚନା ମିଳିଥିଲା। ଏହାକୁ ଭିତି କରି ବୋଡ଼େନ ବ୍ଲକ ପାଟଧାରା ରିଜର୍ଭ ଜଙ୍ଗଲରେ ମାଓ ସାମଗ୍ରୀ ଜବତ କରିଛନ୍ତି, ପୋଲିସ ଏବଂ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହେବା ପ୍ରକାଶ କରିଛନ୍ତି। ଗତ ୨୧ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ସର୍ଚ୍ଚ ଅପରେସନ ଜାରି ରହିଥିଲା। ଜବତ ମାଓ ସାମଗ୍ରୀ ମଧ୍ୟରେ ୨ ଗୋଟି ଏଲଇଡି ଲାଇଟ, ୩ ଗୋଟି ଡେଟୋନେଟର, ୧ ଗୋଟି ୭.୬୨ ଏମ ଏମ ଏମୁନେସନ ବଲ,ଏକଗୋଟି ୩୦୩ ଏମୁନେସନ ବଲ, ୧୩ ଗୋଟି ଛତା, ୧୪ ଗୋଟି ପୋଷାକ, ୩ ଗୋଟି ଟୋପି, ୩ ଗୋଟି ସ୍ୱିଟର,୮ ଗୋଟି ବ୍ରା, ୩ ଗୋଟି ପେଂଟି ଏବଂ ମୋଟୋରଲା ମୋବାଇଲ ଚାର୍ଜର ରହିଛି।

## କାରଗିଲ୍ ଠାରେ ସଶସ୍ତ୍ର ସେନା ବାହିନୀ ସହିତ ଦୀପାବଳି ଉତ୍ସବ ପାଳନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୫।୧୦(ପି.ଏନ): ଦୀପାବଳି ଉତ୍ସବକୁ ସଶସ୍ତ୍ର ସେନା ବାହିନୀ ସହିତ ପାଳନ କରିବାର ପରମ୍ପରାକୁ ବଜାୟ ରଖି ପ୍ରଧାନମନ୍ତ୍ରୀ ଏହି ଦୀପାବଳିକୁ କାରଗିଲ୍ ଠାରେ ଥିବା ସେନା ମାନଙ୍କ ସହିତ ପାଳନ କରିଛନ୍ତି ।ସାହସୀ ଯବାନ ମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ , କାରଗିଲ୍ ର ମାଟି ପ୍ରତି ସମ୍ମାନ ତାଙ୍କୁ ସର୍ବଦା ସଶସ୍ତ୍ର ବାହିନୀର ସାହସୀ ପୁଅ ଓ ଝିଅ ମାନଙ୍କ ପ୍ରତି ଆକର୍ଷିତ କରିଥାଏ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, "ବର୍ଷ ବର୍ଷ ଧରି ଆପଣ ମାନେ ମୋ ପରିବାରର ଏକ ଅଂଶ ହୋଇ ରହି ଆସିଛନ୍ତି । ପ୍ରଧାନମନ୍ତ୍ରୀ ସୂଚାଇ ଦେଇଥିଲେ ଯେ, ଯବାନ ମାନଙ୍କର ଉପସ୍ଥିତିରେ ଦୀପାବଳିର ମଧୁରତା ବୃଦ୍ଧି ପାଇଥାଏ ଏବଂ ସେମାନଙ୍କ ମଧ୍ୟରେ ରହିଥିବା ଦୀପାବଳିର ଆଲୋକ ସେମାନଙ୍କର ଉତ୍ସାହକୁ ଅଧିକରୁ ଅଧିକୁ କରିଥାଏ। ଗୋଟିଏ ପକ୍ଷରେ, ମାତୃଭୂମି ପ୍ରତି ଭଲ ପାଇବା ରହିଥିବା ବେଳେ, ଅନ୍ୟ ପକ୍ଷରେ ସାହସୀ ଯବାନ ମାନେ ଏଠାରେ ଅଛନ୍ତି । ମୁଁ ଅନ୍ୟ କୌଣସି ସ୍ଥାନରେ ଏପରି ଦୀପାବଳି ଆଶା କରି ନଥାଏ "। ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ ଯେ ଆମର ପରମ୍ପରା ତଥା ସଂସ୍କୃତିର ଏକ ଅଂଶ ହୋଇଥିବା ସାହସ ଏବଂ ସାହସିକତାର ଉତ୍ସବ ଭାରତ ଆନନ୍ଦ ସହକାରେ ପାଳନ କରେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆଜି କାରଗିଲ୍ ର ବିଜୟ ଭୂମିରୁ, " ମୁଁ ଭାରତ ତଥା ସାରା ବିଶ୍ୱର ସମସ୍ତଙ୍କୁ ଦୀପାବଳି ଉତ୍ସବ ପାଇଁ ଅନେକ ଅନେକ ଶୁଭେଚ୍ଛା ଜଣାଉଛି ।" ପ୍ରଧାନମନ୍ତ୍ରୀ ଦର୍ଶାଇ ଥିଲେ ଯେ, ପାକିସ୍ତାନ ବିରୋଧରେ ଏପରି କୌଣସି ଯୁଦ୍ଧ ହୋଇ ନାହିଁ ଯେତେବେଳେ କାରଗିଲ୍ ବିଜୟୀ ହେବା ପରେ ତ୍ରିରଙ୍ଗା ପତାକାକୁ ସେଠାରେ ଉଡାଇ ନାହିଁ । ଆଜିର ଦୁନିଆରେ ଭାରତର ଇଚ୍ଛା ବିଷୟରେ ପ୍ରଧାନମନ୍ତ୍ରୀ ଟିପ୍ପଣୀ କରି କହିଥିଲେ ଯେ, ଆଲୋକର ପର୍ବ ବର୍ତ୍ତମାନ ସମୟର ଭୂ - ରାଜନୈତିକ ଦୃଶ୍ୟପଟ୍ଟରେ ଶାନ୍ତି ଏବଂ ସମୃଦ୍ଧତାର ପଥକୁ ଆଲୋକିତ କରିବ। ଦୀପାବଳି ପର୍ବର ମହତ୍ୱ ସମ୍ପର୍କରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, "ଏହା ହେଉଛି ଆତଙ୍କବାଦ ଶେଷ ହେବାର ପର୍ବ ।" ଦୀପାବଳି ପର୍ବକୁ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ ଯେ କାରଗିଲ୍ ଠିକ୍ ସେହିପରି କରିଥିଲା ଏବଂ ସେହି ବିଜୟର ଉତ୍ସବକୁ ଆଜି ମଧ ସ୍ମରଣ କରା ଯାଇଥାଏ ।" ପ୍ରଧାନମନ୍ତ୍ରୀ କହିଥିଲେ ଯେ "ଆମେ ଯେଉଁ ଭାରତକୁ ସମ୍ମାନ ଦେଉଛୁ ତାହା କେବଳ ଏକ ଭୌଗୋଳିକ ଅଂଚଳ ନୁହେଁ ବରଂ ଜୀବନ୍ତ ଆତ୍ମା, ନିରନ୍ତର ଚେତନା, ଅମର ଅସ୍ତିତ୍ୱ " ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଶ୍ରୀ ମୋଦୀ କହିଥିଲେ ଯେ, "ଯେତେବେଳେ ଆମେ ଭାରତ ବିଷୟରେ କିଛି କହିଥାଉ, ଭାରତର ସଂସ୍କୃତିର ଅନନ୍ତ ଚିତ୍ର ଆମ ସାମ୍ନାକୁ ଆସେ, ଐତିହ୍ୟର ଚକ୍ର ନିଜକୁ ନିର୍ମାଣ କରିଥାଏ ଏବଂ ଭାରତର ଶକ୍ତିର ମଡେଲ ବୃଦ୍ଧି ପାଇବାରେ ଲାଗିଥାଏ ।" ସେ ଆହୁରି ମଧ କହିଥିଲେ ଯେ ଭାରତ ହେଉଛି ଏପରି ଏକ ଅସ୍ତ୍ରଶସ୍ତ୍ର ଗୁଡିକର ପ୍ରବାହ ଯାହା ଗୋଟିଏ ପଟେ ଆକାଶ - ଉଚ୍ଚ ହିମାଳୟରୁ ଆରମ୍ଭ ହୋଇ ଭାରତ ମହାସାଗରକୁ ଘେରି ରହିଥାଏ । ପ୍ରଧାନମନ୍ତ୍ରୀ ମନେ ପକାଇ ଥିଲେ ଯେ ଅତୀତର ଅନେକ ସମୃଦ୍ଧ ସଭ୍ୟତା ଗୁଡିକ ବାଲି ଶଯ୍ୟାରେ ପରିଣତ ହୋଇଥିଲା କିନ୍ତୁ ଭାରତର ସାଂସ୍କୃତିକ ସ୍ରୋତର ଅସ୍ତିତ୍ୱ ନିରବଚ୍ଛିନ୍ନ ରହିଛି । ସେ ସ୍ପଷ୍ଟ କରିଥିଲେ ଯେ , ଯେତେବେଳେ ଦେଶର ସାହସୀ ପୁଅ ଓ ଝିଅ ମାନେ ସେମାନଙ୍କର ଶକ୍ତି ଏବଂ ସମ୍ବଳ ଗୁଡିକ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଦେଖାନ୍ତି ସେତେବେଳେ ଏକ ଦେଶ ଅମର ହୋଇ ଯାଇଥାଏ । କାରଗିଲ୍ ର ଯୁଦ୍ଧ କ୍ଷେତ୍ର ଭାରତୀୟ ସେନା ମାନଙ୍କର ସାହସର ଏକ ଜୀବନ୍ତ ପ୍ରମାଣ ଅଟେ। ଶ୍ରୀ ମୋଦୀ କହିଥିଲେ ଯେ, "ଦ୍ରାସ୍, ବାଟାଲିକ୍ ଏବଂ ଟାଇଗର ହିଲ୍ ହେଉଛି ଏହି କଥାର ପ୍ରମାଣ ଯେ ପର୍ବତ ଉପରେ ବସିଥିବା ଶତ୍ରୁ ମାନେ ଭାରତୀୟ ସଶସ୍ତ୍ର ବାହିନୀର ସାହସ ଏବଂ ବୀରତ୍ୱ ଆଗରେ ବହୁତ କ୍ଷୁଦ୍ର ହୋଇ ଯାଇଥିଲେ । ସେ କହିଥିଲେ ଯେ ଯେଉଁମାନେ ଭାରତର ସୀମା ପରିଚାଳନା କରୁଛନ୍ତି ସେମାନେ ହେଉଛନ୍ତି ଭାରତର ନିରାପତ୍ତାର ସ୍ଥାୟୀ ସ୍ତମ୍ଭ । ସେ ଆହୁରି ମଧ କହିଥିଲେ ଯେ, ସେତେବେଳେ ଏକ ଦେଶ ସୁରକ୍ଷିତ ହୋଇଥାଏ, ଯେତେବେଳେ ଏହାର ସୀମା ସୁରକ୍ଷିତ ହୋଇଥାଏ, ଏହାର ଅର୍ଥନୀତି ଦୃଢ଼ ହୋଇଥାଏ ଏବଂ ସମାଜ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ହୋଇଥାଏ ।

## ୫ ଦିନ ଯାଏଁ ରାଜ୍ୟରେ ଶୁଖିଲା ପାଗ

ଭୁବନେଶ୍ୱର, ୨୫।୧୦(ପି.ଏନ): ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ବାତ୍ୟା ସିତ୍ରାଙ୍ଗ ଦୁର୍ବଳ ହୋଇଛି। ଦୁର୍ବଳ ହେବା ପରେ ଅବପାତ ଏବଂ ପରବର୍ତୀ ୬ଘଂଟା ମଧରେ ଦୁର୍ବଳ ହୋଇ ଏକ ସୁଦୃଶ-ଲଘୁଚାପ କ୍ଷେତ୍ର ରେ ପରିଣତ ହେବାର ସମ୍ଭାବନା ରହିଛି । ସେହିପରି ଆଗାମୀ ୪ ରୁ ୫ ଦିନ ଯାଏଁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହାସହ ଉଭୟ ଦିନ ଏବଂ ରାତ୍ରି ତାପମାତ୍ରାରେ ବିଶେଷ ପରିବର୍ତନର ସମ୍ଭାବନା ନାହିଁ। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।

## ଓଡିଶାରେ ଦୃଶ୍ୟମାନ ହେଲା ଆଂଶିକ ସୂର୍ଯ୍ୟପରାଗ

ଭୁବନେଶ୍ୱର,୨୫।୧୦(ପି.ଏନ): ବର୍ଷର ଶେଷ ସୂର୍ଯ୍ୟୋପରାଗ। ଏହି ଆଂଶିକ ସୂର୍ଯ୍ୟୋପରାଗ ଭାରତରେ ୪ଟା ୨୯ ମିନିଟରୁ ଦେଖାଯାଇଥିଲା। ଓଡ଼ିଶାରେ କେତୁଗ୍ରସ୍ତ ଖଣ୍ଡଗ୍ରାସ (ଆଂଶିକ) ସୂର୍ଯ୍ୟୋପରାଗ ଅପରାହ୍ନ ୪.୫୬ ମିନିଟ ୫୨ ସେକେଣ୍ଡରେ ସ୍ପର୍ଶ କରିଥିଲା। ଏହା ସନ୍ଧ୍ୟା ୬ଟା ୨୬ ମିନିଟ ୫୨ ସେକେଣ୍ଡରେ ମୋକ୍ଷାପ୍ରାପ୍ତି ହୋଇଥିଲା। ସୂର୍ଯ୍ୟୋପରାଗ ଦେଖିବା ପାଇଁ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟବାସୀଙ୍କ ପ୍ରବଳ ଉତ୍ସାହ ଦେଖାଯାଇଥିଲା। ଭୁବନେଶ୍ୱର ପ୍ଲାନେଟାରିଅମରେ ସୂର୍ଯ୍ୟୋପରାଗ ଦେଖିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏତଦ ବ୍ୟତୀତ ଲୋକେ ମଧ ବିଭିନ୍ନ ସ୍ଥାନରେ ଏହାକୁ ଦେଖିଥିଲେ। ଭୁବନେଶ୍ୱର ସାଇନ୍ସ ପାର୍କରେ ମଧ ସୂର୍ଯ୍ୟୋପରାଗ ଦେଖିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ଜ୍ୟୋତିଷ ଶାସ୍ତ୍ରରେ ଗ୍ରହଣ ବା ପରାଗକୁ ଅଶୁଭ ଘଟଣାରେ ଗଣତି କରାଯାଇଥାଏ। ଏହି କାରଣରୁ ଗ୍ରହଣ ସମୟରେ ଶୁଭ କାର୍ଯ୍ୟ ଓ ପୂଜାପାଠ ବାରଣ କରାଯାଇଥାଏ। ସୂର୍ଯ୍ୟୋପରାଗ ସମୟରେ ସୂର୍ଯ୍ୟ ପୀଡିତ ହୋଇଯାଆନ୍ତି ବୋଲି ବିଶ୍ୱାସ ରହିଛି। ପରାଗ ସ୍ପର୍ଶ କରିବାର ୧୨ ଘଂଟା ପୂର୍ବରୁ ପାକତ୍ୟାଗ ସହ ଦେବନୀତି ନିଷେଧ କରାଯାଇଥିଲା। ତେବେ ସର୍ବ ମୋକ୍ଷ ପରେ ଦୈନନ୍ଦିନ ନୀତି ଆରମ୍ଭ ହୋଇଯାଇଛି। କିନ୍ତୁ ବୁଧବାର ସୂର୍ଯ୍ୟୋଦୟ ପରେ ଦେବନୀତି ଆରମ୍ଭ ହେବ। କାର୍ତିକ ମାସରେ ବ୍ରତ ଚାଲିଥିବାରୁ ପୁରୀ ଶ୍ରୀମନ୍ଦିରରେ ନୀତିକାନ୍ତିରେ ପରିବର୍ତନ କରାଯାଇଥିଲା।

## ଧାମନଗର ଉପନିର୍ବାଚନ ପ୍ରସ୍ତୁତି ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର,୨୫।୧୦(ପି.ଏନ): ଆସନ୍ତା ନଭେମ୍ବର ୩ ତାରିଖରେ ଧାମନଗର ନିର୍ବାଚନ ମଣ୍ଡଳୀ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଓଡିଶା ପୋଲିସ୍ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଭର୍ଚୁଆଲ ମାଧ୍ୟମରେ ଉପନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରୁ ସୂଚନା ମିଳିଛି ଯେ ଧାମନଗର ଉପନିର୍ବାଚନ ରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୪ ପ୍ଲାଟୁନ ସିଆରପିଏଫ୍ ପୋଲିସ୍ ଫୋର୍ସ ମୁତୟନ ରହିବେ। ସେହିପରି ୨୦ ପ୍ଲାଟୁନ୍ ଓଏସଏପି , ୨୪ ମୋବାଇଲ ପାଟ୍ରୋଲିଂ ୟୁନିଟ୍ ମଧ୍ୟ ମୁତୟନ ହେବେ। ଏହି ସମୀକ୍ଷା ବୈଠକରେ ଏଡିଜି ଲ' ଆଣ୍ଡ ଅର୍ଡର , ଡାଇରେକ୍ଟର ଇଂଟେଲିଜେନ୍ସ, ଭଦ୍ରକ ଏସପି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାଂଲାଦେଶରେ ସିତ୍ରାଙ୍ଗ ତାଣ୍ଡବ: ଗଲାଣି ୩୩ ଜଣଙ୍କ ଜୀବନ



ଢାକା,୨୫।୧୦(ପି.ଏନ): ଓଡିଶା ଉପକୂଳ ପ୍ରଭାବ ପକାଇବାକୁ ଅକ୍ଷମ ହୋଇଥିବା ସାମୁଦ୍ରିକ ଝଡ ସିତ୍ରାଙ୍ଗ ବାଂଲାଦେଶରେ ତାଣ୍ଡବ ରଚିଛି। ଆଜି ଭୋର ସମୟରେ ସିତ୍ରାଙ୍ଗ ସାମୁଦ୍ରିକ ଝଡର ରୂପ ନେଇ ବାଂଲାଦେଶ ଉପକୂଳରେ ଲ୍ୟାଣ୍ଡଫଲ କରିଥିଲା। ସ୍ଥଳ ଭାଗ ଛୁଇଁବା ବେଳେ ପବନର ସର୍ବାଧିକ ବେଗ ଘଣ୍ଟାପ୍ରତି ୧୦୦ କିମି ରହିଥିଲେ। ତେବେ ପ୍ରବଳ ବର୍ଷା ହୋଇଥିଲା।ବର୍ଷା ଓ ପବନ ଯୋଗୁ ଏଯାଏ ବାଂଲାଦେଶର ୧୪ଟି ଉପକୂଳବର୍ତ୍ତୀ ଜିଲ୍ଲାରେ ୩୩ ଜଣ ଲୋକଙ୍କ ଜୀବନ ଯାଇଛି। ବିଭିନ୍ନ ସ୍ଥାନରେ ଗଛ ଉପୁଡି ପଡିଥିବା ବେଳେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଛି। ସେହିପରି ସମୁଦ୍ର ଢେଉ ମଧ କିଛି ଉପକୂଳବର୍ତ୍ତୀ ଅଞ୍ଚଳକୁ ମାଡି ଆସିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏବେ ବି ଉଦ୍ଧାର କାର୍ଯ୍ୟ ଚାଲିଥିବାରୁ କ୍ଷୟକ୍ଷତି ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିନାହିଁ।ଭୋର ସମୟରେ ଲ୍ୟାଣ୍ଡଫଲ କରିଥିବା ସିତ୍ରାଙ୍ଗ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ବର୍ତ୍ତମାନ ଏହା ଲଘୁଚାପରେ ପରିଣତ ହୋଇସାରିଥିଲେ ମଧ ବର୍ଷା ଲାଗି ରହିଛି। ମିଳିଥିବା ସୂଚନା ଅନୁଯାୟୀ, ସିତ୍ରାଙ୍ଗ ଲ୍ୟାଣ୍ଡଫଲ କରିବା ବେଳେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିଲା।ସମୁଦ୍ର ଢେଉ ମଧ ସ୍ୱାଭାବିକ ଠାରୁ ଅଧିକ ଉଚ୍ଚ୍ଚକୁ ଉଠିଥିଲା। ବିଭିନ୍ନ ସ୍ଥାନରେ ଗଛ ଉପୁଡି ପଡିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅନେକ ଘର ଭାଙ୍ଗି ଯାଇଥିବା ବେଳେ ବିଦ୍ୟୁତ ଖୁଣ୍ଟ ଉପୁଡି ଯାଇଛି। ଏଥିଯୋଗୁ ଉପଲବର୍ତ୍ତୀ ଜିଲ୍ଲାଗୁଡିକର ଅଧିକାଂଶ ଲୋକ ଅନ୍ଧାରରେ ରହିଛନ୍ତି ।ଭୋଲା ସଦର, ଠୌଲତଖାନ, ଲାଲମୋହନ ଓ ଚ଼ରରଫଶାନ ଜିଲ୍ଲାରେ ୪ ଜଣ ପ୍ରାଣ ହରାଇଥିଲା ବେଳେ ନାଙ୍ଗାଲକୋଟ ରିଜନୀର କୌମିଲ୍ଲାରେ ଜଣେ ଦମ୍ପତି ଓ ସେମାଙ୍କ ଛୋଟ ପିଲାର ମୃତ୍ୟୁ ଘଟିଛି। ଏମାନେ ଘର ଭିତରେ ରହିଥିବା ବେଳେ ଗୋଟିଏ ବଡ ଗଛ ଏହା ଉପରେ ପଡି ଯାଇଥିଲା। ଫଳରେ ବାପା, ମା' ଓ ଛୋଟ ପିଲାର ଜୀବନ ଯାଇଛି ।ହଜାରିବାଗ ଅଞ୍ଚଳରେ ଜଣେ ରିକ୍ସା ଚାଳକଙ୍କ ଉପରେ କାନ୍ଥ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଚ଼ିତ୍ତାଗଥଙ୍ଗର ସିତାକୁଣ୍ଡାର ରିଜନର ଗୋଟିଏ ନାଳରୁ ଜଣେ ଛୋଟ ପିଲାର ମୃତଦେହ ଉଦ୍ଧାର କରାଯାଇଛି। ପ୍ରଖର ସ୍ରୋତରେ ପିଲାଟି କୌଣସି ଉପର ଅଞ୍ଚଳକୁ ଭାସି ଆସିଥିବା ପୁଲିସ୍ ? ସନ୍ଦେହ କରୁଛି। ପାଟୁଖାଲି ଓ ସିରାଜଗଞ୍ଜରେ ଡଙ୍ଗା ଓଲଟି ୩ ଜଣ ପ୍ରାଣ ହରାଇଛନ୍ତି। ଗଛ ପଡିବା ଯୋଗୁ ଆଉ ୪ ଜଣ ଓ କାନ୍ଥ ପଡି ୨ ଜଣ ଲୋକ ବିଭିନ୍ନ ଉପକୂଳବର୍ତ୍ତୀ ଜିଲ୍ଲାରେ ଆଖି ବୁଜିଥିବା ପ୍ରଶାସନ ସୂଚନା ଦେଇଛି। ବାତ୍ୟା ସିତ୍ରାଙ୍ଗ ପାଇଁ ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷ କରି ସୁମଦ୍ରକୂଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କ ଘର ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଛି।

### ସୂର୍ଯ୍ୟୋପରାଗ ପାଇଁ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି

ପୁରୀ, ୨୫।୧୦(ପି.ଏନ): ଆଜି ଦୀପାବଳିରେ ପଡିଥିଲା କେତୁଗ୍ରସ୍ତ ଖଣ୍ଡ ଗ୍ରାସ ସୂର୍ଯ୍ୟୋପରାଗ। ଏହି ସମୟରେ ପାକତ୍ୟାଗ ଓ ଦେବ ନୀତି ନିଷେଧ ରହିଥିଲା। ଆଜି ପରାଗ ସ୍ପର୍ଶ ଅପରାହ୍ନ ୪ଟା ୫୬ ମିନିଟ୍ ୫୨ ସେକେଣ୍ଡରେ ରହିଥିଲା ଓ ସନ୍ଧ୍ୟା ୬ଟା ୨୬ ମିନିଟ୍ ୫୨ସେକେଣ୍ଡରେ ସର୍ବମୋକ୍ଷ ହୋଇଥିଲା। ସୂର୍ଯ୍ୟୋପରାଗର ୧୨ ଘଂଟା ପୂର୍ବରୁ ଅର୍ଥାତ୍ ଆଜି ଭୋର୍ ୪ଟା ୫୬ରୁ ପାକ ତ୍ୟାଗ ଓ ଦେବ ନୀତି ନିଷେଧ ଥିଲା। ସେଥିପାଇଁ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ନୀତିକାନ୍ତି ସଅଳ ସମ୍ପନ୍ନ ହୋଇଥିଲା। ଏହି କ୍ରମରେ ସୋମବାର ରାତି ୧୨ଟାରେ ଶ୍ରୀମନ୍ଦିରରେ ଦ୍ୱାରଫିଟା ସହ ସାଢ଼େ ୨ଟାରୁ ୩ଟା ଭିତରେ ସକାଳଧୂପ, ଭୋର୍ ୪ଟାରେ ବାଲଧୂପ, ୪ଟା ୫୫ରେ ଭୋଗମଣ୍ଡପ ଶେଷ ହୋଇ ନୀତି ବନ୍ଦ ରହିଥିଲା।

## କେନାଲ କଡରୁ ମିଳିଲା ନବଜାତ ଶିଶୁର ମୃତଦେହ



ବଣାଇ,୨୫।୧୦(ପି.ଏନ): କେନାଲ କଡରୁ ମିଳିଲା ନବଜାତ ଶିଶୁର ମୃତଦେହ। କେହି ନବଜାତ ଶିଶୁକୁ ମାଟି ଘୋଡାଇ ଦେଇ ଚାଲି ଯାଇଛି। ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡା ଥାନା ଅନ୍ତର୍ଗତ ଜଲଡ଼ିହି ଗ୍ରାମ ନିକଟ କେନାଲ କଡରେ ଏହି ମୃତଦେହ ଠାବ କରାଯାଇଛି। ଯାହାକୁ ନେଇ ଏହି ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। କିଏ କାହିଁକି ଏହି ନବଜାତ ଶିଶୁକୁ ପୋତିଛି ଓ ତାକୁ କିଏ ଜନ୍ମ ଦେଇଛି, ତାହାକୁ ନେଇ ବିଭିନ୍ନ ପ୍ରକାର କଳ୍ପନାଜଳ୍ପନା ଦେଖାଦେଇଛି ।ଏହି ନବଜାତ ଶିଶୁ ପୋତା ଯାଇଥିବା ବେଳେ ତାର ହାତ ବାହାରକୁ ଦେଖା ଯାଉଥିବା କେତେକ ସ୍ଥାନୀୟ ଲୋକଙ୍କ ନଜର ପଡିଥିଲା। ଏହାକୁ ନେଇ ଅଲୋଡନ ସୃଷ୍ଟି ହୋଇଥିଲା। ଏହି ଶିଶୁକୁ କେହି ଜନ୍ମ ଦେଇ ଲୋକଲଜ୍ୟା ଭୟରେ ଏଭଳି କାଣ୍ଡ କରିଛି ବୋଲି ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ସେପଟେ ଖବର ପାଇ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଚନ୍ଦନପୁର ଥେଂଟପୁରରେ ଗର୍ଜିଲା ବନ୍ଧୁକ : ଜଣେ ମୃତ, ୧ ଆହତ

ପୁରୀ,୨୫।୧୦(ପି.ଏନ): ଦୀପାବଳି ଅମାବାସ୍ୟାରେ ବାଣ ନ ଫୁଟି ଗର୍ଜିଲା ବନ୍ଧୁକ। ବନ୍ଧୁକ ଫାୟାରିଙ୍ଗରେ ଆହତ ହୋଇଥିବା ଯୁବକଙ୍କୁ ପରେ ମୃତ ଘୋଷଣା କରିଛନ୍ତି ଡାକ୍ତର। ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇ ପୁରୀ ମେଡିକାଲରେ ଚିକିତ୍ସା ହେଉଛନ୍ତି। ଗୁଳିମାଡ଼ରେ ଗଡ଼ିଲା ମୁଣ୍ଡ। ବାଇକରେ ଆସି ଗୁଳିମାଡ଼ କରି ଖସିଗଲେ ୩ ଯୁବକ। ଏଭଳି ଅଭାବନୀୟ ଘଟଣା ଚନ୍ଦନପୁର ଥାନା ଅନ୍ତର୍ଗତ ଥେଂଟପୁରରେ ଘଟିଛି। ତେବେ ଗୁଳିକାଣ୍ଡର ପ୍ରକୃତ କାରଣ ଜଣାପଡିନାହିଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁଳିମାଡ ହୋଇଥିବା ପୋଲିସ ଅନୁମାନ କରୁଛି। ଘଟଣାସ୍ଥଳରେ ଚନ୍ଦନପୁର ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି। ସୋମବାର ରାତିରେ ଚନ୍ଦନପୁର ଥାନା ଅନ୍ତର୍ଗତ ଥେଂଟପୁରରେ ଏହି ଅଭାବନୀୟ ଘଟଣା ଘଟିଛି। ଗୁଳିମାଡ଼ରେ ଶଙ୍କର ବେହେରା ନାମକ ଜଣେ ଯୁବକଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଗୁଳି ମାଡରେ ନିଲୁ ବରାଳ ନାମକ ଅନ୍ୟ ଜଣେ ଯୁବକ ଆହତ ହୋଇ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଛନ୍ତି। ମୃତ ଶଙ୍କରଙ୍କ ବୟସ ୧୯, ଆହତ ନିଲୁଙ୍କ ବୟସ ୨୩ ବୋଲି ଜଣାପଡିଛି। ଏହି ଘଟଣାକୁ ନେଇ ଗାଁରେ ଉତେଜନା ଦେଖାଦେଇଛି। ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି ।ସୂଚନା ଅନୁଯାୟୀ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଚନ୍ଦନପୁର ଥାନା ଅନ୍ତର୍ଗତ ଥେଂଟପୁର ଭାର୍ଗବୀ ହାଇସ୍କୁଲ ନିକଟରେ ଚଉରା ସାହିର ଶଙ୍କର ବେହେରା ଓ ନିଲୁ ବେହେରା ନାମକ ଦୁଇ ଜଣ ଯୁବକଙ୍କ ଉପରକୁ ଦୃର୍ବୃତ ମାନେ ଅତର୍କିତ ଗୁଳିମାଡ଼ କରିଥିଲେ। ଯାହା ଫଳରେ ଘଟଣାସ୍ଥଳରେ ଶଙ୍କରଙ୍କ ମୃତ୍ୟୁ ଘଟିଥିବା ବେଳେ ନିଲୁଙ୍କୁ ଗୁରତର ଅବସ୍ଥାରେ ପୁରୀ ସଦର ଡାକ୍ତରଖାନାରେ ଭର୍ତି କରାଯାଇଛି। ଖବର ପାଇ ଚନ୍ଦନପୁର ପୋଲିସ ଘଟଣାସ୍ଥଳରେ ପହଁଚି ସି ସି କ୍ୟାମେରା ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛି। ଗୁଳିମାଡ଼ କରି ଦୃର୍ବୃତ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

## ରାମମନ୍ଦିର ନିର୍ମାଣର ୫୦ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ

ଅଯୋଧ୍ୟା, ୨୫।୧୦(ପି.ଏନ): ଶ୍ରୀରାମ ଜନ୍ମଭୂମି ମନ୍ଦିର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଜାରି ଅଛି। ନିର୍ମାଣ କାମର ତଦାରଖ ଦିପାବଳୀ ଆରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରିଥିଲେ। ଶ୍ରଦ୍ଧାଳୁ ମକର ସଂକ୍ରାନ୍ତି ୨୦୨୪ରୁ ରାମଲଲାଙ୍କ ଦର୍ଶନ ଜନ୍ମଭୂମି ମନ୍ଦିରର ଗର୍ଭଗୃହରୁ କରିପାରିବେ। ଏହିପରି ବ୍ୟବସ୍ଥା କରାଯାଉଛି ଯେ ପ୍ରତିଦିନ ପାଖାପାଖି ଅଢ଼େଇଲକ୍ଷ ଶ୍ରଦ୍ଧାଳୁ ୧୦ ଘଂଟାରେ ଦର୍ଶନ କରିପାରିବେ। ମନ୍ଦିର ନିର୍ମାଣର ୫୦ ପ୍ରତିଶତ କାମ ସମ୍ପୂର୍ଣ୍ଣ ହୋଇସାରିଛି। ଏହି କଥା ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ସଦସ୍ୟ ଡା. ଅନିଲ ମିଶ୍ର କହିଛନ୍ତି ।ଟ୍ରଷ୍ଟ ମଙ୍ଗଳବାର ଦିନ ଶ୍ରୀରାମ ମନ୍ଦିର ନିର୍ମାଣ କାର୍ଯ୍ୟ ସହିତ ଅବଗତ କରାଇବା ପାଇଁ ସାମ୍ବାଦିକମାନଙ୍କୁ ଆମନ୍ତ୍ରିତ କରିଥିଲା। ଏହି ଅବସରରେ ଡା. ଅନିଲ ମିଶ୍ରଙ୍କ ସହିତ ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ ଏବଂ ମନ୍ଦିର ନିର୍ମାଣରେ ସାମିଲ ଥିବା ଇଞ୍ଜିନିୟର ମଧ ଉପସ୍ଥିତ ଥିଲେ। ଡା. ମିଶ୍ର ସାମ୍ବାଦିକମାନଙ୍କୁ କହିଥିଲେ ଯେ ମନ୍ଦିରର ପରିକୋଟା ମନ୍ଦିରର ଚୌଡାଇରୁ ୨୭ ମିଟର ଦୂରରେ ୧୪ ମିଟରର ହେବ। ଏଥିରେ ରାମଲଲାଙ୍କ ବ୍ୟତୀତ ମନ୍ଦିରର ଚାରିକଣରେ ଚାରି ମନ୍ଦିର ହେବ ଯେଉଁଥିରେ ଗଣେଶ, ଶିବ, ଦୁର୍ଗା, ବିଷ୍ଣୁ ଭଗବାନଙ୍କ ମନ୍ଦିର ହେବ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟକ୍ରମ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।


**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।





ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହେଉଥିନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## 'କର୍ଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ






ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢ଼ମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

### ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# କାର୍ତ୍ତିକ ମାହାତ୍ମ୍ୟ: ଦୀପଦାନ



ମାସମାନଙ୍କ ମଧ୍ୟରେ କାର୍ତ୍ତିକ ଧର୍ମମାସ। ଏହି ମାସରେ କାର୍ତ୍ତିକବ୍ରତ ପାଳନ କରାଯାଏ। ଏହା ମୁଖ୍ୟତଃ ବିଷ୍ଣୁପୂଜା ଅଟେ। ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ସେମାନଙ୍କୁ ବ୍ରତଚାରୀ ବା ହବିଷ୍ୟାଳୀ (ସ୍ତ୍ରୀ ଲିଙ୍ଗରେ) କୁହନ୍ତି। 'ହବି' କହିଲେ ଘୃତ। ହବିଷ୍ୟାଳୀମାନେ ଏହି ବ୍ରତରେ ଘୃତ ମିଶ୍ରିତ ଅଥବା ଅନ୍ନ ଏକ ବେଳିଆ ଖାଆନ୍ତି। ଘୃତ ମିଶ୍ରିତ ଅନ୍ନକୁ ହବିଷ୍ୟାନ୍ନ କୁହନ୍ତି। ହବିଷ୍ୟାନ୍ନର ହବିଷ କଥାକୁ ବୁଝାଏ ଏବଂ ତହିଁରୁ ହବିଷ୍ୟାଳୀ ବା ବ୍ରତକାରୀ ବୋଲି ଏମାନଙ୍କୁ କୁହାଯାଏ। ଏହି ବ୍ରତକୁ ସବୁ ଜାତିର ଏବଂ ଉଭୟ ସ୍ତ୍ରୀ ପୁରୁଷ କରିପାରିବେ।

ଏହି ହବିଷ୍ୟାଳୀମାନଙ୍କର କାର୍ତ୍ତିକ ମାସସାରା ଏକ ନିର୍ଦ୍ଦିଦିନିଆ ନିୟମ ଭିତ୍ତିକ କାର୍ଯ୍ୟଥାଏ। ପ୍ରାତଃରୁ ସ୍ନାନ କରି ସେମାନେ ସୂର୍ଯ୍ୟଙ୍କୁ ନମସ୍କାର ଓ ଜଳପ୍ରଦାନ କରନ୍ତି। ତହିଁପରେ କ୍ରମାନ୍ୱୟରେ ଦେବଦର୍ଶନ, ବର, ଓସ୍ତ, ନିମ୍ବ, ଅଁଳା, ମାଳତୀ, ପଲାଶ ଆଦିଙ୍କୁ ଜଳଦାନ ପୂର୍ବକ ପୂଜନ, ଦୀପଦାନ ଇତ୍ୟାଦି କାର୍ଯ୍ୟ କରିଥାନ୍ତି। ଏଥିଅନ୍ତେ ତୁଳସୀ ଚଉରା ମୂଳକୁ ଆସି ତା' ଚାରି ପଟେ ଗୋବରରେ ଲିପନ୍ତି; ପଞ୍ଚ ମୁରୁଜ ଦେଇ ଦେବତାମାନଙ୍କର ଚିତ୍ର ଆଙ୍କନ୍ତି; ଧୂପ, ଦୀପ, ପୁଷ୍ପ ଦେଇ ବିଷ୍ଣୁଙ୍କୁ ଆହ୍ୱାନ ପୂର୍ବକ ତୁଳସୀଙ୍କୁ ପୂଜା କରନ୍ତି। ତୁଳସୀ ଚଉରା ଚାରିପଟେ ତୁଳସୀ ଓ ବିଷ୍ଣୁଙ୍କ ସ୍ତୁତିଗାନ କରି ଗୀତ ଓ କରତାଳି ବଜାଇ ବୁଲନ୍ତି। ତହିଁ ଉତ୍ତାରୁ ଶୃଙ୍ଖଳା ଭୋଗରାଗ ବାଡ଼ି ସମର୍ପଣ କରନ୍ତି। ଏହାପରେ କାର୍ତ୍ତିକ ମାହାତ୍ମ୍ୟ, ବିଷ୍ଣୁ ପୁରାଣ କିମ୍ବା ରାଧାମାଧବ ଅଷ୍ଟକ ଇତ୍ୟାଦି ପଢ଼ନ୍ତି ବା ଶୁଣନ୍ତି।

ସୂର୍ଯ୍ୟାସ୍ତ ପୂର୍ବରୁ ସେମାନେ ଏକ ବକତକିଆ ଭୋଜନସାରନ୍ତି। ଶୁଦ୍ଧ ପାତ୍ରରେ ରୋଷେଇ ହୁଏ। ସେଥିରୁ ୩/୪ଟି ବେଲ ପତ୍ର ଦେଇ ଠାକୁରଙ୍କୁ ସମର୍ପଣ କରାଯାଏ। ଏହାପରେ ନିରୋଳା ଓ ନିର୍ବଚନରେ ଭକ୍ଷଣ କରନ୍ତି। କିନ୍ତୁ ଅଁଳା ନବମୀଦିନ ଅଁଳା ଠାରୁ ଭୋଜନ କରନ୍ତି। ତୁଳସୀ ଚଉରାମୂଳେ ଭୋଗରେ ଖଇ, କଦଳୀ, ଚାଉଳିଆ, କମଳା ଓ ବଡ଼ିଆଳ ଇତ୍ୟାଦି ଯେମିତି ଭୋଗ ହୁଏ, ସେମିତି ଅନ୍ନ ଭୋଜନକୁ ତରକାରୀ ପାଇଁ ସାରୁ, ବନ୍ତଳ କଦଳୀ, ମୁଗଡାଲି, ମାଟିଆଳୁ, ଓଉ, ଅଦା, ନଡ଼ିଆ ଇତ୍ୟାଦି ଦରକାର ହୁଏ। ଶାସ୍ତ୍ରମତେ ଯାହାଯାହା ନିଷେଧ ହୋଇଛି ବିଶେଷକରି ଆମିଷ, ସହବାସ, କୋମଳ ଶଯ୍ୟା ଏବଂ ଆଉ ଯାହାକିଛି ତାକୁ ଛାଡ଼ିବାକୁ ହୁଏ ଏବଂ କାର୍ତ୍ତିକବାସି ଛାଡ଼କୁ ଖିଆଯାଏ ବୋଲି ତାକୁ ଛାଡ଼ଖାଇ କୁହନ୍ତି।



ହବିଷ୍ୟାଳୀମାନେ ସନ୍ଧ୍ୟାରେ ଆକାଶ ଦୀପ ଜାଳନ୍ତି। ଏମିତିରେ ତ ପ୍ରତିପୂଜାରେ ଦୀପ, ଧୂପ ଏବଂ ପୁଷ୍ପ ଦାନର ବିଧାନ ଅଛି; କିନ୍ତୁ ଏ ଦୀପଦାନ ଆକାଶ ଦୀପ ନୁହନ୍ତି। ଏହାର ମହତ୍ୱ ଏବଂ ମାହାତ୍ମ୍ୟରେ ସ୍ୱତନ୍ତ୍ର ବିଶେଷତ୍ୱ ଅଛି: ***"ହବିଷ୍ୟଅନ୍ନ ଏକାବେଳେ। ଦୀପବସାଇ ସାୟଂକାଳେ॥ କାର୍ତ୍ତିକ ବ୍ରତ 'ଲ ଶ୍ରୁତି। ତେଣୁ ମୁଁ ତୁମ୍ଭ ପ୍ରିୟ ଅତି॥ ପୂର୍ବେ ଯେ କରିଥିଲ ତପ। ନିଶି ଆଗମେ ଜାଳିଦୀପ॥ ତେଣୁ ସନ୍ତୋଷ କମଳିନୀ। ତୁମେ ଯେ ତାଙ୍କ ସପତଣୀ॥ କିମ୍ବା କାର୍ତ୍ତିକ ଉଦ୍ୟାପନେ। ଅଂସଖ୍ୟ ଧର୍ମ ଦୀପଦାନେ। ବିଶେଷ ତୁଳସୀ ସେବନେ। ଅସଂଖ୍ୟ ଧର୍ମ ଦୀପଦାନେ॥"***

***—: କାର୍ତ୍ତିକ ମାହାତ୍ମ୍ୟ : ପଦ୍ମପୁରାଣ***



ଏଠାରେ ଭଗବାନ କୃଷ୍ଣ ପ୍ରାଣପ୍ରିୟା ସତ୍ୟ ଭାମାକୁ କହୁଛନ୍ତି ଯେ ତୁମେ ପୂର୍ବ ଜନ୍ମରେ କାର୍ତ୍ତିକବ୍ରତ କରି ସନ୍ଧ୍ୟାରେ ଦୀପଦାନ କରିଥିଲ। ସେତେବେଳେ ତୁମେ ବିଧବା ଥିଲ। ଏହି ଦୀପଦାନର ଧର୍ମ ଫଳରୁ ତୁମେ ମୃତ୍ୟୁପରେ ସେ ଜନ୍ମରେ ଲକ୍ଷ୍ମୀଙ୍କ ସଖୀ ଥିଲ। ଦ୍ୱାପରରେ ମୋ ପତ୍ନୀ ହେଲ। ତୁଳସୀ ମୂଳେ ଦୀପଦାନରେ ଏହିପରି ଅସଂଖ୍ୟ ଧର୍ମ ହୁଏ।

କାର୍ତ୍ତିକ ମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ। ପିତୃପୁରୁଷ ବା ସେମାନଙ୍କର ଅମୋକ୍ଷପ୍ରାପ୍ତ ପ୍ରେତାତ୍ମାମାନେ କାର୍ତ୍ତିକ ମାସରେ ଫେରିବାବେଳ ଆସିଯାଇଥାଏ। ଏହି ଦୀପଦାନ ସେମାନଙ୍କର ମୋକ୍ଷ କାମନା ସହିତ ଅନ୍ଧକାରାଚ୍ଛନ୍ନ ସେମାନଙ୍କର ସ୍ୱର୍ଗୀୟ ପଥକୁ ଆଲୋକିତ କରି ପଥ ପ୍ରଦର୍ଶନ କରାଯାଏ ଥାଏ ବୋଲି ବିଶ୍ୱାସ ବହୁ ଦିନରୁ ଚଳି ଆସୁଛି। ଏଣୁ ତୁଳସୀ ମୂଳରେ ଦୀପଦାନ ସହ ଆକାଶର ଉଚ୍ଚସ୍ଥାନ ପର୍ଯ୍ୟନ୍ତ ଏହି ଦୀପକୁ ପ୍ରଜ୍ୱଳନ କରି ରଖାଯାଏ। ଏଥିପାଇଁ ଆକାଶଦୀପର କଳ୍ପନା କରାଯାଇଛି। କାର୍ତ୍ତିକ ମାସର ପ୍ରତିଦିନ ସଂଧ୍ୟାରେ ଏକ ଉଚ୍ଚ ବାଉଁଶ ଖୁଣ୍ଟ ଉପରେ ଦୀପକୁ ପ୍ରଜ୍ୱଳନ କରାଯାଏ। ଏକ ମାଟିର ହାଣ୍ଡିରେ ଅନେକଗୁଡ଼ିଏ ଛୋଟ ଛୋଟ କଣା କରି ତା' ଭିତରେ ଘିଅ ଦୀପ ଜାଳି ହାଣ୍ଡି ଉପରେ ସରାଟିଏ ଘୋଡ଼ାଇ ଶିକାରେ ବାନ୍ଧି ଦଉଡ଼ି ମାଧ୍ୟମରେ ବାଉଁଶ ଉପରକୁ ଉଠାଇ ଦିଆଯାଏ। ଫଳରେ ପବନରେ ଏହା ସହଜରେ ଲିଭିଯାଏ ନାହିଁ ଏବଂ ମିଞ୍ଜିମିଞ୍ଜି ଆଲୋକ ସେ ଛିଦ୍ର ଦେଇ ବାହାରକୁ ନିର୍ଗତ ହେଉଥାଏ। ବିଜ୍ଞାନମତେ ସେ କଣା ନଥିଲେ ଆଲୋକ ନିର୍ଗତ ହେବନାହିଁ କିମ୍ବା ଅମ୍ଳଜାନ ପ୍ରବେଶ ନକଲେ ବତୀ ଜଳିବ ନାହିଁ। ଅମ୍ଳଜାନ ଜ୍ୱଳନର ସହାୟକ।



ସ୍ୱାମୀ-ସ୍ତ୍ରୀର ସଂପର୍କ ଜନ୍ମ ଜନ୍ମାନ୍ତର ଏବଂ ସ୍ୱର୍ଗୀୟ ବୋଲି ପୁରାଣ ଓ ଶାସ୍ତ୍ରମାନେ କୁହନ୍ତି। ଏଣୁ ଜଣଙ୍କର ସର୍ବକାଳୀନ ଅନୁପସ୍ଥିତି ବା ମୃତ୍ୟୁରେ ଆର ଜଣକ ପରାଗତ ଆତ୍ମାର ମୋକ୍ଷ ବା ମଙ୍ଗଳାର୍ଥେ ଯେଉଁ କୃତକର୍ମ କରେ ତା' ମଧ୍ୟରୁ ଆକାଶଦୀପ ଅନ୍ୟତମ। ଏଥିପାଇଁ ଯାବତୀୟ ଅଭାବ ଓ ଅନାଟନ ସତ୍ତ୍ୱେ ମାଗି ଯାଚି ଆକାଶ ଦୀପ କାର୍ତ୍ତିକରେ ଜଳାଯାଏ। ଆମ କାହାଣୀରେ 'ଆକାଶଦୀପ' ନେଇ ଅନେକ ଗପ ମଧ୍ୟ ଲେଖାଯାଇଛି।

ଆକାଶଦୀପର କଳ୍ପନା ଅନ୍ୟ ପକ୍ଷରେ ବ୍ୟକ୍ତିଗତ ଧର୍ମ ଅର୍ଜନ। ଏହା ସତ୍ୟଭାମାଙ୍କର କାହାଣୀ ଅବଲମ୍ବନରେ ସୂଚାଇ ଦିଆଯାଇଛି। ଏହାର ବୈଜ୍ଞାନିକ କାରଣ ମଧ୍ୟ ଅଛି। କାର୍ତ୍ତିକ ମାସ ହେମନ୍ତ ଋତୁର ଅନ୍ତର୍ଗତ। ଏହି ଋତୁରେ କୀଟ-ପତଙ୍ଗ ଏବଂ କୀଟାଣୁମାନଙ୍କର ପ୍ରାଦୁର୍ଭାବ ଥାଏ। ସେମାନେ ଏହି ସାମୂହିକ ଦୀପଜ୍ୱଳନ ମାଧ୍ୟମରେ ଦଗ୍ଧିଭୂତ ହୋଇଥାଆନ୍ତି। ଏ ଦୃଷ୍ଟିରୁ ଦୀପାବଳୀ ଦିନ ଯେଉଁ ଦୀପଦାନ ଉତ୍ସବ ଏବଂ ବଡ଼ବଡ଼ିଆ ଟେକାଯାଏ ଉଭୟ ଧାର୍ମିକ ଓ ବିଜ୍ଞାନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ : ଗୋଟିଏ ପଟେ ବଡ଼ବଡ଼ିଆଙ୍କୁ ସ୍ୱର୍ଗପଥକୁ ଆଲୋକ ପ୍ରଦର୍ଶନ ଏବଂ ଅନ୍ୟପକ୍ଷରେ ବିଜ୍ଞାନ ମତେ ବାଣ, ରୋଷଣୀ ଓ ଦୀପ ପ୍ରଜ୍ୱଳନ ଦ୍ୱାରା ବୀଜାଣୁ, କୀଟାଣୁ ଇତ୍ୟାଦି ବିନାଶନ।

ଆକବରଙ୍କ ଆଇନ୍-ଇ-ଆକବରୀ ମତେ ତାଙ୍କ ସମୟରେ ମଧ୍ୟ ଆକାଶଦୀପ ପ୍ରଚଳନ ଥିଲା। ଏଥିରେ ୪୦ ଫୁଟ ଲମ୍ବର ବାଉଁଶ ଓ ୧୬ଖଣ୍ଡି ଦଉଡ଼ିର ବ୍ୟବହାର କଥା ଉଲ୍ଲେଖ ଅଛି। ବରୋଦା ମିଉଜିୟମରେ ଏକ ବିରାଟ ଆକାଶଦୀପ ମୋଗଲ ଯୁଗର ଏବେ ମଧ୍ୟ ସଂରକ୍ଷଣ ହୋଇଅଛି। କେତେକଙ୍କ ମତରେ ବୋଇତ ମାଧ୍ୟମରେ ଆମର ବହିର୍ବାଣିଜ୍ୟ ପାଇଁ ସାଧବ ପୁଅମାନଙ୍କ କାହାଣୀ ସହ ଏହା ସଂପର୍କିତ କରାଯାଏ। ଏହା ସେତେବେଳେ ଦିଗ୍‌ବାରିଣୀ ବା ବତୀଖୁଣ୍ଟ ରୂପେ ବ୍ୟବହାର ହେଉଥିଲା। ଏଥିପାଇଁ ଏ ଆକାଶଦୀପ ଅତି ଉଚ୍ଚ ଏମିତିକି ପାହାଡ଼ ଉପରେ ଜଳାଇ ରଖାଯାଉଥିଲା। ତେବେ ଯେଉଁ ଦୃଷ୍ଟିରୁ ବିଚାର କଲେବି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ।

ହବିଷ୍ୟାଳୀମାନେ ଆଶ୍ୱିନ ଶୁକ୍ଳପକ୍ଷ ଏକାଦଶୀ ଦିନ ହବିଷ ସଂକଳ୍ପ କରିଥାନ୍ତି। କାର୍ତ୍ତିକ କୃଷ୍ଣ ପ୍ରତିପଦାଠାରୁ ହବିଷ ପାଳନ ହୁଏ କାର୍ତ୍ତିକ ପୂର୍ଣ୍ଣିମା ବା ରାସପୂର୍ଣ୍ଣିମା ଯାଏଁ। ରାସପୂର୍ଣ୍ଣିମା ଦିନ ସକାଳୁ ପୂର୍ବବତ୍ ସ୍ନାନସାରି ନିତ୍ୟନୈମିତ୍ତିକ କାମ ସହ କଦଳୀ ବାହୁଙ୍ଗା/ସୁଙ୍ଗାର ଡଙ୍ଗା କରି ଜଳରେ ଦୀପଦାନ କରାଯାଏ। ଏହା ବୋଇତ ବନ୍ଦାଣ ଦୃଷ୍ଟିରୁ ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ରାଇ-ଦାମୋଦର ଦର୍ଶନ ଓ ପୂଜନ ପାଇଁ ଅଧିକ ଯୁକ୍ତିଯୁକ୍ତ। ଏହିଦିନ ଅକ୍ରୁର ଦାମୋଦରଙ୍କୁ ସ୍ନାନ ବେଳେ ଜଳରେ ଦେଖିଥିଲେ ଯେତେବେଳେ ସେ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମଥୁରା ନେଇ ଯାଉଥିଲେ। ଏଣୁ ଯଥାର୍ଥରେ ଧର୍ମ ଦୃଷ୍ଟିରୁ କୁହାଯାଇଛି:

***"ଆ କା ମା ଭୈ, ପାନଗୁଆ ଥୋଇ***
***ପାନଗୁଆ ତୋର, ମାସକ ଧରମ ମୋର॥"***

ସଂଧ୍ୟାରେ ପୁଣି ତୁଳସୀ ଚଉରାମୂଳେ ଦୀପଦାନ ଓ ଆକାଶ ଦୀପ ଜ୍ୱଳନ। କାର୍ତ୍ତିକ ବ୍ରତ ଉଦ୍‌ଯାପନ ସହିତ 'ଆକାଶଦୀପ'ର ଆଉ ପ୍ରାଧାନ୍ୟ ନଥାଏ ଯଦିଓ ଅନେକ ଆହୁରି କିଛି ଦିନ ଜାଳନ୍ତି। ଏମିତିରେ ଆମେ ପ୍ରତିଦିନ ସଂଧ୍ୟାରେ ବି ତୁଳସୀ ଚଉରାମୂଳେ ଦୀପ ଜାଳୁ।

କଥାରେ ଅଛି : କାର୍ତ୍ତିକ ମାସପରି ମାସ, ସତ୍ୟ ଯୁଗପରି ଯୁଗ, ବେଦପରି ଶାସ୍ତ୍ର, ଗଙ୍ଗାତୁଲ୍ୟ ନଦୀ ସର୍ବୋପରି ଦୀପଦାନପରି ଧର୍ମ ବା ପୁଣ୍ୟ ନାହିଁ।

***"ଦୀପଂ ଜ୍ୟୋତି ପରଂବ୍ରହ୍ମ/ଦୀପଂ ଜ୍ୟୋତି ପରାୟଣେ/ ଦୀପନେ ହରେତ ପାପଂ/ସଂଧ୍ୟାଦୀପଂ ସରସ୍ୱତୀ।।"***

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ: ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୧୩୮**

# ହୃଦୟକୁ ବୁଝନ୍ତୁ !

**ଦୀପକ କୁମାର ନାୟକ**



ବର୍ତ୍ତମାନ ବ୍ୟସ୍ତବହୁଳ ଜୀବନରେ ଅତ୍ୟଧିକ ଚିନ୍ତା ଓ ଚାପ ଭିତରେ ବଞ୍ଚୁଥିବା ମଣିଷ ନାନା ପ୍ରକାର ରୋଗର ଶିକାର ହେଉଛି। ମଧୁମେହ, ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗରେ ବହୁ ସଂଖ୍ୟାରେ ଆକ୍ରାନ୍ତ ହେଉଛନ୍ତି। ବିଶେଷକରି ହୃତପିଣ୍ଡ ଜନିତ ରୋଗରେ ପ୍ରତିବର୍ଷ ବିଶ୍ୱରେ ୧୭.୩ ମିଲିୟନ ଲୋକଙ୍କ ମୃତ୍ୟୁ ଘଟୁଛି। ବିକଶିତ ଦେଶ ତୁଳନାରେ ଅନୁନ୍ନତ ଓ ବିକାଶଶୀଳ ଦେଶମାନଙ୍କରେ ପ୍ରାୟ ୮୦ ପ୍ରତିଶତ ଲୋକ ଏଥିରେ ଆକ୍ରାନ୍ତ ହୁଅନ୍ତି। ବିଶେଷକରି ବିକାଶଶୀଳ ଦେଶମାନଙ୍କରେ ହୃଦ୍‌ରୋଗୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। କାରଣ ବିକାଶଶୀଳ ଦେଶମାନଙ୍କରେ ଟଙ୍କା କମାଇବାର ବ୍ୟସ୍ତତା ଭିତରେ ଲୋକମାନେ ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତି ନାହିଁ। ତେବେ ତମାଖୁ ସେବନ, ମଦ୍ୟପାନ, ଅସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣ, ମେଦବହୁଳତା, ଜଙ୍କଫୁଡ୍ ପ୍ରତି ଆଗ୍ରହତା, ଆଳସ୍ୟପଣ ହେଉଛି ହୃଦ୍‌ରୋଗ ଓ ହୃଦ୍‌ଘାତର ପ୍ରମୁଖ କାରଣ। କିନ୍ତୁ ଲୋକମାନେ ଏହି ଦିଗ ପ୍ରତି ସଚେତନ ନାହାନ୍ତି। ତେଣୁ ବିଶ୍ୱବାସୀଙ୍କୁ ହୃଦ୍‌ରୋଗର କାରଣ ଓ ନିରାକରଣର ଦିଗ ଜଣାଇବା ଏବଂ ସଚେତନ କରିବା ୱାର୍ଲ୍ଡ ହାର୍ଟ ଫେଡେରେସନ ତରଫରୁ ୨୦୦୦ ମସିହା ସେପ୍ଟେମ୍ବର ୨୯ ତାରିଖକୁ ୱାର୍ଲ୍ଡ ହାର୍ଟ ଡେ ରୂପେ ପାଳନ କରାଯାଏ। ଏହି ଦିନ ହୃଦ୍‌ରୋଗର କାରଣ ଏବଂ ଏହାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେଥିପାଇଁ ଦେଶର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ହୃଦ୍‌ରୋଗୀଙ୍କ ଚିକିତ୍ସା କିପରି କରାଯାଇପାରିବ ସେ ସଂକ୍ରାନ୍ତୀୟ ତଥ୍ୟ ବିଶ୍ୱବ୍ୟାପୀ ପ୍ରସାରିତ କରିଥାଏ ଏହି ସଂଗଠନ। ଏହି ସଂଗଠନ ବିଶ୍ୱର ପ୍ରାୟ ୧୦୦ଟି ଦେଶରେ କାର୍ଯ୍ୟ କରୁଛି।

ପ୍ରଥମେ ୧୯୪୬ ମସିହାରେ ଇଣ୍ଟରନ୍ୟାସନାଲ ସୋସାଇଟି ଅଫ୍ କାର୍ଡ଼ିଓଲୋଜି ଏବଂ ୧୯୭୦ ମସିହାରେ ଇଣ୍ଟରନ୍ୟାସନାଲ କାର୍ଡ଼ିଓଲୋଜି ଗଠନ କରାଯାଇଥିଲା। କିନ୍ତୁ ୧୯୭୮ ମସିହାରେ ଏହି ଦୁଇ ଅନ୍ତର୍ଜାତୀୟ ସଂଗଠନ ଏକାଠି ହୋଇ ଇଣ୍ଟରନ୍ୟାସନାଲ ସୋସାଇଟି ଆଣ୍ଡ ଫେଡ଼େରେସନ ଅଫ୍ କାର୍ଡ଼ିଓଲୋଜି ଗଠିତ ହେଲା, ଯାହା ୧୯୯୮ ମସିହାରେ ୱାର୍ଲ୍ଡ ହାର୍ଟ ଫେଡେରେସନ ନାମରେ ନାମିତ ହେଲା। ଏହି ସଂଗଠନ ଅନୁନ୍ନତ ଏବଂ ବିକାଶଶୀଳ ଦେଶଗୁଡ଼ିକରେ ହୃଦ୍‌ରୋଗର ମୂଳୋତ୍ପାଟନ ଲକ୍ଷ୍ୟ ନେଇ କାର୍ଯ୍ୟ ଆରମ୍ଭ କଲା। ଏହି ସଂଗଠନକୁ ବିଶ୍ୱର ବିଭିନ୍ନ ସ୍ଥାନରୁ ହୃଦ୍‌ରୋଗର ମୁକାବିଲା ପାଇଁ ସହଯୋଗ ଯୋଗାଇ ଦିଆଯାଉଛି। ବିଭିନ୍ନ ଦେଶର ପ୍ରାୟ ୨୦୦ ଜଣ ଏହି ସଂଗଠନର ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ବିକାଶଶୀଳ ଦେଶମାନଙ୍କରେ ହୃଦ୍‌ରୋଗୀ ସଂଖ୍ୟା ବଢୁଥିଲେ ମଧ୍ୟ ଏହା କେଉଁଥିପାଇଁ ହେଉଛି ସେଥିପ୍ରତି ଅନେକେ ସଚେତନ ନାହାନ୍ତି। ତେବେ ଏହି ସଂଗଠନ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଅନୁନ୍ନତ ଦେଶଗୁଡ଼ିକରେ ହୃଦ୍‌ରୋଗର ମୁକାବିଲା କରିବା ପାଇଁ ଥିବା ନୂତନ ଜ୍ଞାନକୌଶଳର ଅଭାବକୁ ଦୂର କରୁଛି ଏହି ସଂଗଠନ। ପ୍ରତିବର୍ଷ ସଂଗଠନ ପକ୍ଷରୁ ବିଭିନ୍ନ ପ୍ରକାର ନାଟକ, ଖେଳ ଆଦି ଅନେକ କାର୍ଯ୍ୟକ୍ରମର ଆୟୋଜନ ବିଶ୍ୱବ୍ୟାପୀ କରାଯାଏ। ପ୍ରତିବର୍ଷ ନୂଆ ନୂଆ ସ୍ଲୋଗାନ ଦେଇ ଏହି ପ୍ରକାର କାର୍ଯ୍ୟକ୍ରମଗୁଡ଼ିକ ଆୟୋଜିତ ହୋଇଥାଏ। ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଦ୍ୱାରା ବିଶ୍ୱବାସୀଙ୍କୁ ସଚେତନ କରାଇବା ଲକ୍ଷ୍ୟକୁ ୱାର୍ଲ୍ଡ ହାର୍ଟ ଫେଡ଼େରେସନ ସଫଳତାର ସହ ତୁଲାଉଛି। ସାଧାରଣରେ ହୃଦ୍‌ରୋଗକୁ ନେଇ ଅନେକ ଲୋକଙ୍କ ଭିତରେ ଏକ ଭୟ ଓ ଆଶଙ୍କାର ବାତାବରଣ ରହିଥାଏ। କିନ୍ତୁ ପ୍ରକୃତ କଥା ହେଉଛି ଏକ ଉତ୍ତମ ଓ ଯୋଜନାବଦ୍ଧ ଦିନଚର୍ଯ୍ୟା, ବିଶ୍ରାମ, ଖାଦ୍ୟ ଓ ସୁଚିନ୍ତନ ଦ୍ୱାରା ସର୍ବୋପରି ପ୍ରାଥମିକ ଅବସ୍ଥାରେ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଏହାକୁ ନେଇ ପରବର୍ତ୍ତୀ ସମୟରେ ଭୟର କୌଣସି କାରଣ ରହିବନାହିଁ। ଆପଣଙ୍କର ଉଚ୍ଚ ରକ୍ତଚାପ ବା ଡାଇବେଟିସ୍ ଥିଲେ ଏହାକୁ ଚିକିତ୍ସା ଦ୍ୱାରା ନିୟନ୍ତ୍ରଣରେ ରଖନ୍ତୁ। ସୁଷମ ଖାଦ୍ୟ ଭିତରେ ସବୁଜ ପନିପରିବା, ଫଳ ସବୁଠାରୁ ଭଲ। ସେହିପରି ଯୋଗାଭ୍ୟାସ, ପ୍ରାଣାୟାମ, ବ୍ୟାୟାମ, ସୂର୍ଯ୍ୟ ନମସ୍କାର, ସନ୍ତରଣ, ସାଇକେଲ ଚାଳନା, ପ୍ରାତଃ ଭ୍ରମଣ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅତ୍ୟନ୍ତ ଆବଶ୍ୟକ। ହୃଦ୍‌ରୋଗ ଜନିତ ସମସ୍ୟାକୁ ନେଇ ମାନସିକ ଭାବେ ଚିନ୍ତିତ ହୁଅନ୍ତୁ ନାହିଁ ବା ଅସ୍ୱସ୍ତି ଅନୁଭବ କରନ୍ତୁ ନାହିଁ। ସେହିପରି ବୃତ୍ତିଗତ ଜୀବନ ବା ଅବସର ଜୀବନ ହେଉ ହୃଦ୍‌ରୋଗ ଆଶଙ୍କାକୁ ନେଇ କୌଣସି ବ୍ୟସ୍ତତା, ଦୁଃଶ୍ଚିନ୍ତା ଓ ହତାଶା ଭାବ ରହିବା କଥା ନୁହେଁ। ନିଜକୁ ହୃଦ୍‌ରୋଗ କ୍ଷେତ୍ରରେ କୌଣସି ଅସ୍ୱସ୍ତିକର ଅନୁଭବ କଲେ ସରକାରଙ୍କ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ଥିବା ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ରାଜ୍ୟର ସର୍ବବୃହତ୍ ଚିକିତ୍ସାଳୟରେ ଅବସ୍ଥାପିତ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ, ନିଦାନ ଓ ଚିକିତ୍ସା ଦ୍ୱାରା ଆପଣଙ୍କ ହୃଦୟର ସମସ୍ୟା ଚିନ୍ତାର କାରଣ ପାଲଟିବ ନାହିଁ। ସବୁବେଳେ ମନେରଖିବେ ହୃଦୟକୁ ନେଇ ଆପଣ ଚିନ୍ତା ନକରି ଆପଣ କିପରି ଏକ ଆଦର୍ଶ ଓ ସ୍ୱାସ୍ଥ୍ୟମୟ ଦିନଟି ବିତାଇବେ ତାହା ଚିନ୍ତା କରନ୍ତୁ। ସବୁବେଳେ ସତ୍‌ଚିନ୍ତନ ଓ ଆଧ୍ୟାତ୍ମିକ ଜୀବନଚର୍ଯ୍ୟା ଏ କ୍ଷେତ୍ରରେ ଏକ ମହୌଷଧି ପରି କାମକରେ।

***-ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୨୭୧୮୭୪***

# ଲଘୁ ଖଣିଜ ପରିବହନ ଓଭର ଲୋଡ଼ିଂକୁ ବିରୋଧ





ବଡ଼ଚଣା (ପିଏନ): ଚଣ୍ଡିଖୋଲ ସ୍ଥିତ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର ଏକ ବୈଠକ ସଂଘର ସଭାପତି ଅଜାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା ଅଂଚଳରେ ଥିବା ବିଭିନ୍ନ ଲଘୁ ଖଣିଜ ଖାଦାନମାନଙ୍କରୁ ଖନନ କରାଯାଇ ଗାଡ଼ିମାନଙ୍କ ଦ୍ୱାରା ଧାର୍ଯ୍ୟ ଠାରୁ ଅଧିକ ମାଲ ପରିବହନ କରାଯାଇ ପଡ଼ୋଶୀ ୫/୬ଟି ଜିଲ୍ଲାକୁ ପରିବହନ କରାଯାଉଛି। ସରକାରଙ୍କ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଏହି ଲଘୁ ଖଣିଜ ପଦାର୍ଥ ବ୍ୟବହାର କରାଯାଇଥାଏ। ମାତ୍ର ସରକାରଙ୍କର ନୀତି ନିୟମକୁ ଉଲଘନ କରି ଗାଡ଼ି ମାଲିକମାନେ ଧାର୍ଯ୍ୟ ଠାରୁ ଅଧିକ ପରିବହନ କରିଥାନ୍ତି। ଏହା ବିରୋଧରେ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ବିରୋଧ ହେବାରୁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଓଭର ଲୋଡ଼ ପରିବହନ କରୁଥିବା ଗାଡ଼ିଗୁଡ଼ିକ ଉପରେ ଲକ୍ଷାଧିକ ଟଙ୍କାର ଜୋରିମାନା କରିବା ସହ ଗାଡ଼ି ମାଲିକମାନଙ୍କୁ ଗିରଫ୍ କରାଯାଇ କୋର୍ଟ ଚାଲାଣ କରିବା ପାଇଁ ବିଭିନ୍ନ ଥାନାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବେଆଇନ ପରିବହନରେ ଚଣ୍ଡିଖୋଲ ସଂଘର ଦୁଇଜଣ ଗାଡ଼ି ମାଲିକ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ଧର୍ମଶାଳାରୁ ବିଭିନ୍ନ ଜିଲାକୁ ନିର୍ଦ୍ଧାରିତ ପାସିଙ୍ଗ ଅନୁଯାୟୀ ପରିବହନ କରାଯାଉଥିଲା ବେଳେ ଢେଙ୍କାନାଳ ଓ ଖୋର୍ଦ୍ଧା ଜିଲାରୁ ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଅଂଚଳକୁ ଓଭର ଲୋଡ଼ିଂ ମାଲ ପରିବହନ କରାଯାଉଛି। ଫଳରେ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ସଂଘ ପକ୍ଷରୁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଧାର୍ଯ୍ୟ ପରିମାଣଠାରୁ ଅଧିକ ପରିବହନ କଲେ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ କଠୋର ନିୟମ ଥିବା ସତ୍ତ୍ୱେ ବହୁ ଗାଡ଼ି ମାଲିକମାନେ ଏହାକୁ ମାନୁନାହାଁନ୍ତି। ଫଳରେ ଅତ୍ୟଧିକ ମାଲ ପରିବହନ ଯୋଗୁ ରାସ୍ତାଘାଟ ନଷ୍ଟ ହେବା ସହ ବହୁ ଧନଜୀବନ ନଷ୍ଟ ହେଉଛି। ଏହି ବେଆଇନ ପରିବହନକୁ ବନ୍ଦ କରିବା ପାଇଁ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ଏକମାସ ହେବ ବିଭିନ୍ନ ସଚେତନାତ୍ମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଅଛି। ଓଭର ଲୋଡ଼ିଂ ବନ୍ଦ ପାଇଁ ସଂଘ ପକ୍ଷରୁ ରାଜ୍ୟ ପରିବହନ ସଚିବ ଅରୁଣ ବୋଥ୍ରା, ସହକାରୀ ସଚିବ ଲାଲ ମୋହନ ସେଠୀ, ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତି ସିଂ ରାଠୋର, ଜିଲ୍ଲା ପୋଲିସ ଅଧିକ୍ଷକ ପି.ଆର. ରାହୁଲ, ଚଣ୍ଡିଖୋଲ ଆଂଚଳିକ ପରିବହନ ଅଧିକାରୀ, ଧର୍ମଶାଳା ବିଧାୟକଙ୍କୁ ଭେଟି ଧର୍ମଶାଳା ସମେତ ସମଗ୍ର ରାଜ୍ୟରେ ଓଭର ଲୋଡ଼ିଂ ବନ୍ଦ କରିବା ପାଇଁ ଅନୁରୋଧ କରାଯାଇଥିଲା। ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର ଏତାଦୃଶ ଦାବୀକୁ ଜିଲ୍ଲା ପ୍ରଶାସନ ଶତ ପ୍ରତିଶତ ସମର୍ଥନ କରିବା ସହ ସଂଘର ଦାବୀକୁ ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଲୋଡ଼ିଂ ପଏଂଟରୁ ଗାଡ଼ିଗୁଡ଼ିକୁ ପାସିଙ୍ଗଠାରୁ ଅଧିକ ଲୋଡ଼ ନଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଗାଡ଼ି ମାଲିକମାନେ ଏହି ନିୟମକୁ ନମାନିବେ ସେମାନଙ୍କ ଉପରେ ଏକଲକ୍ଷ ୨୦ ହଜାର ଟଙ୍କା ଜୋରିମାନା କରିବା ସହ ଏକବର୍ଷ ପାଇଁ ଗାଡ଼ିର ପରିମିଟ କ୍ୟାନସଲ କରିବା ପାଇଁ ବିଭିନ୍ନ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅମୀତ କୁମାର ସାହୁ, ମୁଖ୍ୟ ଉପଦେଷ୍ଟା ଚନ୍ଦନ କୁମାର ନାୟକ, ବିନୋଦ ନାୟକ, କୋଷାଧ୍ୟକ୍ଷ ରଂଜନୀକାନ୍ତ କର, ମୁଖପାତ୍ର ପ୍ରଭାତ କୁମାର ରାଉତ, ସରୋଜ କୁମାର ଧୀର, ସନା ବାବୁ, ପ୍ରମୋଦ କବି, ସନ୍ତୋଷ ପୃଷ୍ଟି, ମୁଜୁବୁର ରହେମାନ, ରଣଜିତ ଜେନା, ଚଗଲା ପାତ୍ର, ତପନ କରିଡ଼ା, ବୁନା ପରିଡ଼ା, ବୁନା ବେହେରା, ବିପିନ ନାୟକ, ଜଗନ୍ନାଥ ସାମଲ ସମେତ ଶତାଧିକ ଟ୍ରକ୍ ମାଲିକ ଉପସ୍ଥିତ ଥିଲେ।

## ଚଣ୍ଡିଖୋଲ ବସ୍ ମାଲିକ ସଂଘ ସଭ୍ୟଙ୍କ ବିୟୋଗରେ ସ୍ମୃତିଚାରଣ ସଭା

ବଡ଼ଚଣା (ପିଏନ୍): ଚଣ୍ଡିଖୋଲ ଛକ ସ୍ଥିତ ଚଣ୍ଡିଖୋଲ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟଠାରେ ସଂଘର ବରିଷ୍ଠ ସଭ୍ୟ ସ୍ୱର୍ଗତଃ ନାରାୟଣ ସ୍ୱାଇଁଙ୍କ ଅକାଳ ବିୟୋଗରେ ଏକ ସ୍ମୃତିଚାରଣ ସଭା ସଂଘର ସଭାପତି ଅମରେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ଦୀଲିପ କୁମାର ଚୌଧୁରୀ, ଦୀପକ କୁମାର ମିଶ୍ର, ପୁଷ୍ପରାଜ ନାୟକ, ଦେବଜିତ କର, ବିଘ୍ନରାଜ ନାୟକ, ସୁନିଲ ନାୟକ, କିଶୋର ପଲେଇ, ଚିତ୍ତରଂଜନ ନାୟକ, ଅକ୍ଷୟ କୁମାର ରାଉତ, ରସିଉଦ୍ଦିନ ଖାଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ସ୍ୱାଇଁ ଚଣ୍ଡିଖୋଲ ଘରୋଇ ବସ୍ ମାଲିକମାନଙ୍କ ମଧ୍ୟରେ ଏକତା, ଭାଇଚାରା ଓ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ। ସେ ଜଣେ ସ୍ପଷ୍ଟବାଦୀ, ନିରହଂଙ୍କାରୀ, ବନ୍ଧୁବତ୍ସଳ, ପରଉପକାରୀ ଭାବରେ ଏ ଅଚଂଳରେ ପରିଚିତ ଥିଲେ। ବହୁ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ସଂଘ ସହିତ ସେ ଜଡ଼ିତ ଥିଲେ। ତାଙ୍କ ଅକାଳ ବିୟୋଗରେ ଚଣ୍ଡିଖୋଲ ଘରୋଇ ବସ ମାଲିକ ସଂଘ ତରଫରୁ ତାଙ୍କର ପରିବାରଙ୍କୁ ସମବେଦନା ଜଣାଇବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ତାଙ୍କର ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର





ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଥାନୁଆଳ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନର୍ମଦା ସ୍ୱାଇଁ ଶିବିରକୁ ଉଦ୍‌ଘାଟନ କରିବା ସହିତ ୧୫୬ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୨୦ଟି ତତ୍କାଳ ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗ ଗୁଡ଼ିକ ଅନୁଧ୍ୟାନ କରାଯାଇ ସମାଧାନ କରାଯିବ ବୋଲି କୁହାଯାଇଥିଲା। ବିଶେଷ କରି ରାସନ କାର୍ଡ଼, ଭତା, ଆବାସ ଓ ଜମିପଟ୍ଟା ପାଇବା ପାଇଁ ଅଧିକ ଅଭିଯୋଗ ପଡ଼ିଥିଲା। ପିଇଓ କୈଳାସ ସେନାପତି, ମହିଳା ସଭାନେତ୍ରୀ ଜ୍ୟୋସ୍ନାରାଣୀ ଜେନା, ସ୍ନେହଲତା ଦୋରା, ଛାତ୍ର ସଭାପତି ସଂଜୟ ପାଳ ଓ ପୂର୍ବତନ ସମିତି ସଭ୍ୟ ପ୍ରସନ୍ନ କୁମାର ରାଉତ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ୨୮ରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ୪୮ତମ ପ୍ରତିଷ୍ଠା ଦିବସ

ଧର୍ମଶାଳା (ପିଏନ୍): ଗୋକର୍ଣ୍ଣିକା ସାହିତ୍ୟ ସମାଜ ୪୮ତମ ପ୍ରତିଷ୍ଠା ଦିବସ ଅବସରରେ ୨ଜଣ ପୂର୍ବତନ ବିଧାୟକ ଓ ୫ଜଣ ସାମ୍ବାଦିକଙ୍କୁ ଅନୁଷ୍ଠାନ ପକ୍ଷରୁ ସଂବର୍ଦ୍ଧିତ କରାଯିବ। ଆସନ୍ତା ୨୮ ତାରିଖ ପୂର୍ବାହ୍ନରେ ଜାରକା ନିକଟସ୍ଥ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ଓ ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତ, ବରିଷ୍ଠ ସାମ୍ବାଦିକ ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଗୁଲାମ ଗସ୍ ଓ ସୀତାକାନ୍ତ ସାମଲଙ୍କୁ ସଂବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସଭାପତି ରମାକାନ୍ତ ଜେନା ଓ ସାଧାରଣ ସଂପାଦକ ହୃଷିକେଶ ସାମଲ ଏକ ପ୍ରେସ୍ ବିବୃତ୍ତିରେ ଘୋଷଣା କରିଛନ୍ତି। ଏଥିରେ ଅତିଥିଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ଧରଣୀଧର ସାହୁ, ବ୍ୟାସନଗର କଲେଜର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ଡ. ନିରଂଜନ ଶତପଥୀ, ବିଶିଷ୍ଟ କବି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ସଦସ୍ୟ ଅମରେଶ ପଟ୍ଟନାୟକ ଯୋଗଦେବେ। ଏହି ସ୍ମରଣୀୟ ମୁହୂର୍ତ୍ତରେ ସାହିତ୍ୟପ୍ରେମୀ ଯୋଗଦେବାକୁ ଶ୍ରୀ ଜେନା ଓ ଶ୍ରୀ ସାମଲ ଅନୁରୋଧ କରିଛନ୍ତି। ସୂଚନା ଅନୁଯାୟୀ ୧୯୭୪ ମସିହା ଅକ୍ଟୋବର ୨୭ ତାରିଖ ସନ୍ଧ୍ୟାରେ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ଏହି ଅନୁଷ୍ଠାନ ଆରମ୍ଭ ହୋଇଥିଲା। ଏହି ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଆଜୀବନ ସଭାପତି ଥିଲେ ବିଶିଷ୍ଟ ପ୍ରାବନ୍ଧିକ ସ୍ୱର୍ଗତଃ ବୈକୁଣ୍ଠନାଥ ରଥ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୨, ଅକ୍ଟୋବର ୨୬

# ଓଡ଼ିଶାରେ ଦରିଦ୍ର କିଏ ?



ଇଂଲଣ୍ଡର ପ୍ରଖ୍ୟାତ ଔପନ୍ୟାସିକ ତଥା ସାହିତ୍ୟିକ ଇଏମ ଫଷ୍ଟର ତାଙ୍କର "A passage to India"ରେ ଗରିବର ପରିଭାଷା ବା ସଂଜ୍ଞା ନିରୂପଣ କରିବାକୁ ଯାଇ ଲେଖିଛନ୍ତି, "ସେହି ବ୍ୟକ୍ତି ଗରିବ, ଯାହା ପାଖରେ ପରିବାର ପ୍ରତିପୋଷଣ ପାଇଁ ନା ଅର୍ଥ ଅଛି, ନା ଖାଦ୍ୟ ଅଛି, ନା ଶରୀର ଢାଙ୍କିବାକୁ ବସ୍ତ୍ର ଅଛି, ଏବଂ ସୁସ୍ଥ ଜୀବନଯାପନ ପାଇଁ ସନ୍ତୋଷଜନକ ପରମାୟୁ ଅଛି ନା ନିର୍ମଳ ଓ ପରିଚ୍ଛନ୍ନ ପରିବେଶ ମଧ୍ୟ ଅଛି।" ଆଜି ଗରିବର ସଂଜ୍ଞା ବଦଳି ଯାଇଛି। ଆମ ସରକାର ପ୍ରାୟ ୫୦ରୁ ୬୦ ପ୍ରତିଶତ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମୁକ୍ତା ଯୋଜନା, ଜୀବିକା ମିସନ, ମମତା ଯୋଜନା, ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟ ରୂପାନ୍ତରୀକରଣ ଯୋଜନା, ସ୍ୱାସ୍ଥ୍ୟ ଯୋଜନା, ମୋ ସାଇକଲ ଯୋଜନା ଓ ଲ୍ୟାପଟପ ତଥା ମେଧାବୃତ୍ତି ଯୋଜନା କରିଛନ୍ତି। ଏବେ ପ୍ରାୟ ସମସ୍ତଙ୍କ ପାଖରେ ମୋବାଇଲ ଫୋନ, ଡିଟିଏଚ କନେକ୍ସନ ଉପଲବ୍ଧ। ତେବେ ପ୍ରକୃତରେ ଆଜି ଆମ ରାଜ୍ୟରେ ଦରିଦ୍ର ବା ଗରିବ କିଏ ? ଉପରୋକ୍ତ ପ୍ରଶ୍ନ ମନରେ ବାରମ୍ବାର ଆସୁଥିଲା ବେଳେ ଆମ ସରକାର ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ (୫-ଟି) ଓ ମୋ ସରକାର ଯୋଜନା ପ୍ରଣୟନ କରିବା ପରେ ଏବେ ଆମ ଓଡ଼ିଶା କିପରି ଗରିବ ରାଜ୍ୟ ତାଲିକାରୁ ବାଦ ପଡିବ ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାର ଅର୍ଥ ବର୍ତ୍ତମାନ ମଧ୍ୟ ସରକାରଙ୍କର ବିଶ୍ୱାସ ହୋଇନି ଯେ ରାଜ୍ୟରୁ ଗରିବଙ୍କ ସଂଖ୍ୟାରେ ହ୍ରାସ ପାଇଛି। ସରକାରଙ୍କ ଘୋଷିତ ପ୍ରତ୍ୟେକ କାର୍ଯ୍ୟକ୍ରମର ସୁଫଳ କିପରି ଅଧିକରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଂଚିବ, ସେଥିପାଇଁ ତୃଣମୂଳ ସ୍ତରରୁ ପ୍ରଚେଷ୍ଟା ହେଉଛି। ନୋବେଲ ପୁରସ୍କାର ବିଜେତା ଅଭିଜିତ ବାନାର୍ଜୀଙ୍କ ପକ୍ଷରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ତୃଣମୂଳ ସ୍ତରରୁ କାରଣ ଖୋଜି ଏହାର ନିରାକରଣ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଭାରତରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ବହୁ ଗବେଷଣା କରିବା ସହ ସେ ବିଶ୍ୱରେ ପ୍ରଶଂସିତ ହୋଇଛନ୍ତି। ଏହି ଦୁଇ ନୋବେଲ ପୁରସ୍କାର ବିଜେତାଙ୍କ ଅଭିଜ୍ଞତାକୁ ଆଧାର କରି ଓଡିଶାରୁ ଦାରିଦ୍ର୍ୟ ହଟାଇବା ପାଇଁ ଆଶା ରଖିଛନ୍ତି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ୨୫ ବର୍ଷର ନିରବଚ୍ଛିନ୍ନ ଶାସନରେ ରହି ମଧ୍ୟ ସରକାର ଗରିବୀ ହଟାଇ ପାରିନାହାଁନ୍ତି ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ।

ପ୍ରକୃତ ଅର୍ଥରେ ବିଚାର କଲେ ଆଜି ସରକାର ପ୍ରାୟ ସମସ୍ତଙ୍କୁ ମାଗିଖିଆ କରି ଦେଇଛନ୍ତି। ଆଜି ପ୍ରାୟ ପ୍ରତ୍ୟେକ ବ୍ୟକ୍ତି କିଛି କାମ ନକରି ମାଗିଖିଆ ପ୍ରକୃତିକୁ ଆପଣେଇ ନେଇଛନ୍ତି। ଆମ ରାଜ୍ୟରେ ଠିକ୍ ଭାବେ କାମ ନମିଳୁଥିବାରୁ ଅନେକ ବାହାର ରାଜ୍ୟକୁ ଯାଇ ଅକଥନୀୟ ଅତ୍ୟାଚାରର ଶିକାର ହେଉଛନ୍ତି। ଏହି ପ୍ରସଙ୍ଗରେ କାହାଣୀଟିଏ ମନେପଡେ। କୁଣ୍ଡିଲ୍ୟ ରାଜ୍ୟର ରାଜାଙ୍କର ଦୁଇଟି ପୁଅ ଥିଲେ, ଯାହାଙ୍କର ନାମ ଥିଲା ସତ୍ୟକେତୁ ଓ କର୍ମକେତୁ। ଦୁଇପୁତ୍ରଙ୍କ ଶିକ୍ଷା ପ୍ରାପ୍ତି ପାଇଁ ରାଜା ଦୁହିଁଙ୍କୁ ଗୁରୁଗୃହକୁ ପ୍ରେରଣ କରିଥିଲେ। ଉଭୟେ ଗୁରୁଗୃହରେ ରହି ବିଭିନ୍ନ ଶାସ୍ତ୍ର, ଶସ୍ତ୍ର ବିଦ୍ୟା ସହିତ ରାଜନୀତି ତଥା ପ୍ରଜାପାଳନର ସମସ୍ତ ପ୍ରକ୍ରିୟାକୁ ଅଧ୍ୟୟନ କରିଥିଲେ। ଦୀର୍ଘ ବାରବର୍ଷ ପରେ ଦିନେ ରାଜା ନିଜ ପୁତ୍ରମାନଙ୍କ ଶିକ୍ଷାଦୀକ୍ଷା ବିଷୟରେ ଅନୁଧାନ କରିବାକୁ ଗୁରୁଗୃହକୁ ଯାଇଥିଲେ। ରାଜାଙ୍କୁ ଦେଖି ଗୁରୁ କହିଲେ ହେ ମହାରାଜ ଆପଣଙ୍କ ପୁତ୍ରମାନେ ସର୍ବଶାସ୍ତ୍ର ତଥା ରାଜନୀତିରେ ପାରଙ୍ଗମ ହୋଇ ସାରିଛନ୍ତି। ବର୍ତ୍ତମାନ ଆପଣ ସେମାନଙ୍କୁ ନିଜ ସାଥିରେ ନେଇଯାଇପାରନ୍ତି। ଦୁଇପୁତ୍ରଙ୍କୁ ବାହାରକୁ ଯିବା ପାଇଁ କହି ରାଜା ତାଙ୍କ ଦୁଇପୁତ୍ରଙ୍କ ଭିତରେ କିଏ ରାଜଗାଦି ପାଇଁ ଯୋଗ୍ୟ ବୋଲି ପଚାରିଥିଲେ। ଗୁରୁ କହିଥିଲେ ହେ ମହାରାଜ ଏହାର ଚୟନ ପାଇଁ ଦୁଇପୁତ୍ରଙ୍କ ଭିତରେ ଏକ ପ୍ରତିଯୋଗିତା କରିବାକୁ ପଡିବ। ଗୁରୁଙ୍କ କଥାରେ ରାଜା ଦୁଇପୁତ୍ରଙ୍କୁ ଡାକି ଦୁଇଟି ପଡା ସହ କିଛି ସ୍ୱର୍ଣ୍ଣ ଅଳଙ୍କାର ଏବଂ ଅର୍ଥ ପ୍ରଦାନ କରି କହିଲେ ତୁମେ ଦୁଇଜଣ ବର୍ତ୍ତମାନ ନିଜ ନିଜ ପଡାକୁ ଯାଇ ସେଠାରେ ଶାସନ କର। ଛଅମାସ ପରେ ତୁମର ଶାସନ ପଦ୍ଧତିକୁ ଚୟନ କରାଯାଇ କିଏ ମୋ ସିଂହାସନ ପାଇଁ ବିଚାର କରାଯାଇ ରାଜପଦରେ ଅଭିଷିକ୍ତ କରାଯିବ। ଉଭୟେ ନିଜ ନିଜ ପଡାକୁ ଯାଇ ନିଜ ନିଜର ଶିକ୍ଷାବଳରେ କାର୍ଯ୍ୟ ଆରମ୍ଭ କଲେ। ସତ୍ୟକେତୁ ନିଜ ପଡାର ଲୋକମାନଙ୍କୁ ଡକାଇ ସେମାନଙ୍କର ସମସ୍ୟା ବିଷୟରେ ଆଲୋଚନା କରିବା ସହ କୃଷି କ୍ଷେତ୍ରରେ କିପରି ତା' ଲୋକମାନେ ବିକାଶ କରିବେ ସେ ବିଷୟରେ ଆଲୋଚନା କରି ଗୁରୁଙ୍କଠୁ ପାଇଥିବା ଶିକ୍ଷାନୁସାରେ ଲୋକମାନଙ୍କୁ ସ୍ୱାବଲମ୍ବୀ କରାଇବା ସହ କାର୍ଯ୍ୟକ୍ଷମ କରାଇ ନିଜ ପଡାର ସର୍ବାଙ୍ଗୀନ ଉନ୍ନତି କରାଇଥିଲେ। ଛୋଟ ଛୋଟ ପିଲାଙ୍କୁ ନୈତିକ ଶିକ୍ଷା ଦେବାସହ ଶିକ୍ଷା କ୍ଷେତ୍ରରେ ଅନେକ ଆଲୋଡନ ସୃଷ୍ଟି କରିବା ସହ ନିଜ ପଡାର ବିକଶିତ କରାଇଥିଲେ। ପିତା ଦେଇଥିବା ଅର୍ଥକୁ ଅସହାୟ ବ୍ୟକ୍ତିମାନଙ୍କ ଭିତରେ ବିତରଣ କରି ନିଜ ପଡାର ଲୋକମାନଙ୍କର ଶ୍ରଦ୍ଧାର ପାତ୍ର ହୋଇଥିଲେ। ଅନ୍ୟପକ୍ଷରେ କର୍ମକେତୁ ନିଜର ପ୍ରଶଂସା ପାଇବା ପାଇଁ ପିତା ଦେଇଥିବା ସ୍ୱର୍ଣ୍ଣ ଅଳଙ୍କାର ଓ ଅର୍ଥକୁ ନିଜ ପଡାର ଲୋକମାନଙ୍କ ଭିତରେ ବିତରଣ କରିଦେଇଥିଲେ। ଫଳରେ ସେ ପଡାର ଲୋକମାନେ ନିଜ ରାଜାର ପ୍ରଶଂସା କରିବା ସହ କିଛି କାମ ନକରି ବିଭିନ୍ନ ଅନୈତିକ କାର୍ଯ୍ୟରେ ନିଜକୁ ଲିପ୍ତ କରିବା ସହ ନିଶାସକ୍ତ ହୋଇଥିଲେ। ଛଅମାସ ପରେ ରାଜା ଗୁରୁଙ୍କ ସହ ପୁଅମାନଙ୍କ କାର୍ଯ୍ୟକଳାପ ଓ ଶାସନ ପଦ୍ଧତି ଅନୁଧ୍ୟାନ କରିବାକୁ ଯାଇ ପ୍ରଥମେ ସତ୍ୟକେତୁର ପଡା ଅନୁଧ୍ୟାନ କରିବା ବେଳେ ରାଜା ଓ ଗୁରୁ ଏକ ଶାନ୍ତ ସରଳ ପରିବେଶ ସହ ଶସ୍ୟଶ୍ୟାମଳା ପରବେଶ ଦେଖିବାକୁ ପାଇଥିଲେ। ବୟସ୍କ ଲୋକମାନେ ଭଗବତ୍ ଭାବନାରେ ନିଜକୁ ନିୟୋଜିତ କରିବା ସହ ନିଜ ରାଜାର ଭୂୟସୀ ପ୍ରଶଂସା କରିଥିଲେ। ତତ୍‌ପଶ୍ଚାତ୍ ରାଜା ତାଙ୍କର ଅନ୍ୟ ପୁତ୍ର କର୍ମକେତୁ ପଡାକୁ ଯାଇ ଯାହା ଦେଖିଲେ ସେ ନିଜକୁ ବିଶ୍ୱାସ କରିପାରିଲେନି। ସମସ୍ତ ପ୍ରଜା ନିଶାସକ୍ତ ଓ କର୍ମ ନ କରି ଆଳସ୍ୟପରାୟଣ ହୋଇ ପଶାଖେଳରେ ବ୍ୟସ୍ତ ରହୁଥିଲେ । ଜମିସବୁ ପଡିଆ ପଡିଥିଲା। ବାଳକମାନେ ବିଦ୍ୟା ଅଧ୍ୟୟନ ନକରି ଖେଳକୁଦରେ ମଜ୍ଜିଥିଲେ।

ଶେଷରେ ରାଜା ଗୁରୁଙ୍କ ସହ ନିଜ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରି ଗୁରୁଙ୍କ ପରାମର୍ଶରେ ସତ୍ୟକେତୁଙ୍କୁ ନିଜର ଉତ୍ତରାଧିକାରୀ ଘୋଷଣା କରିଥିଲେ। ଏ କାହାଣୀ ଏଠାରେ ଅବତାରଣା କରିବା ଅର୍ଥ ଆମ ରାଜ୍ୟ ସରକାର ଓ କେନ୍ଦ୍ର ସରକାର କର୍ମକେତୁ ଭଳି ଅର୍ଥ ବାଣ୍ଟିବା ସହ ବିଭିନ୍ନ ପଦାର୍ଥ ପ୍ରଦାନ କରି ଲୋକମାନଙ୍କୁ ଏକ ପ୍ରକାର ଭିକାରୀ କରିସାରିଲେଣି। ଫଳରେ ବର୍ତ୍ତମାନ ଗରିବ ହେବାର ପ୍ରତିଯୋଗିତା ପ୍ରାୟ ଦେଖାଦେଇଛି। ଘଂଟାପିନ୍ଧା ବାବୁମାନେ ଏପରିକି ତଥାକଥିତ ବୁଦ୍ଧିଜୀବୀ କୁଜିନେତା, ତଥା ଅନେକ କ୍ଷେତ୍ରରେ ବଡ ନେତାମାନେ ମଧ୍ୟ ଗରିବ ରେଖାରେ ନିଜକୁ ସାମିଲ କରି ଭିକ୍ଷାବୃତ୍ତି କରିବାକୁ କୁଣ୍ଠାବୋଧ କରୁନାହାନ୍ତି। ଏହି ଅର୍ଥରେ ବିଚାର କଲେ ସରକାରଙ୍କର ଏହି ବଣ୍ଟନ ପ୍ରକ୍ରିୟା ଯେତେଦିନ ଚାଲିଥିବ, ସେତେଦିନ ଧରି ଓଡିଶାରେ ଦରିଦ୍ର କିଏ ବୋଲି ପ୍ରଶ୍ନ ମନରେ ଉଙ୍କି ମାରୁଥିବ।

ଉମାଶଙ୍କର ପ୍ରସାଦ, ସମ୍ପାଦକ, ମାଗଦର୍ଶୀ, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨

## ଆଜିର ଅନୁଚିନ୍ତା


**ନିଜ ଭିତରେ ଥିବା ଆନନ୍ଦ ଓ ଶାନ୍ତିକୁ ଅନୁସନ୍ଧାନ କର !**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ସ୍ୱଚ୍ଛଳ ଶାସନତନ୍ତ୍ର : ଅଚଳ ଅର୍ଥନୀତି

■■■■■■■■■■■■■■■ମାୟାଧର ନାୟକ■■■■■■■■■■■■■■■



ଏବେ ସବୁଆଡେ ଶସ୍ତା ସ୍ଲୋଗାନ୍ । ବସ୍ତାବସ୍ତା ଭାଷଣବାଜିର ରିହାତି-ରାଜନୀତି । ଏ ଦଳ କହୁଚି ସେ ଦଳ ଚୋର, ସେ ଦଳ କହୁଚି ଏ ଦଳ ତସ୍କର । ଲୋକେ କହୁଛନ୍ତି ସବୁ ଦଳ-ପଙ୍ଗପାଳ । ଶାସନତନ୍ତ୍ରର ଶସ୍ୟକ୍ଷେତ୍ରରେ ପ୍ରବେଶ କରିବା ପାଇଁ ସମସ୍ତେ ପାଗଳ । ଆଗେ ଆମର ରାଷ୍ଟ୍ରନୀତିଜ୍ଞ ଥିଲେ-ଯେଉଁମାନଙ୍କ ସଂଖ୍ୟାହ୍ରାସ ଘଟିଛି ଶୋଚନୀୟ ଭାବରେ । ଏବେ ଅବଶ୍ୟ ରାଜନୀତିଜ୍ଞ ଅଛନ୍ତି କେତେକ – ମାତ୍ର ଚଳନ୍ତି ରାଜନୀତିର ଚକ୍ରବ୍ୟୂହରେ ସେମାନେ ନିଷ୍ପ୍ରଭ ଚରିତ୍ର ଜଣେଜଣେ । ବର୍ତ୍ତମାନର ରାଜନୀତି ଏକପ୍ରକାର ପ୍ରଜାଶୋଷଣଧର୍ମୀ ପ୍ରବୃତି ନହେଲେ ରାଜକୋଷଲୁଣ୍ଠନମୁଖୀ ବାଜନୀତି । ରାଜନୀତିକୁ ବାଜନୀତିରେ ବଦଳାଇ ଦେଇଥିବା ଅପଶକ୍ତିର ଆଜ୍ଞାବହ ବର୍ଗ ଗୋଟିଏ ଗୋଟିଏ ଦଳ ଗଢି ସାରା ଦେଶକୁ ଦଖଲ କରିବାକୁ ବ୍ୟଗ୍ର । ଏମାନେ କେବଳ ମିଥ୍ୟାଚାରୀ, ଭ୍ରଷ୍ଟାଚାରୀ, ବ୍ୟଭିଚାରୀ, ଅବିଚାରୀ ବା ମୁଖାଧାରୀ ନୁହନ୍ତି, ଦରକାର ପଡିଲେ ଏମାନେ ବି ଭାରତୀୟ ଗଣତନ୍ତ୍ରର ହତ୍ୟାକାରୀ ହେବାକୁ ହାତ ମିଳାନ୍ତି ପରସ୍ପର ସହିତ । ଗୋଟିଏ ଚୂଡ଼ାନ୍ତ ବିଡମ୍ବନାର ପର୍ଯ୍ୟାୟରେ ପହଂଚିସାରିଛି ଭାରତବର୍ଷର ରାଜନୀତି । ତାହା ହେଉଛି, କେବଳ ବଣିକବର୍ଗ ଓ ଧନିକବର୍ଗର ସମବାୟ ସମିତିକୁ ନେଇ ଗଢାହେଉଛି ଶାସନ ଓ ପ୍ରଶାସନ ବ୍ୟବସ୍ଥା । କେବଳ ଧନୀଲୋକେ ନିର୍ବାଚନୀ ରାଜନୀତିର ମଇଦାନରେ ଦଳୀୟ ଟିକେଟ୍ ପାଇ ଯାତ୍ରା ଦେଖାଉଛନ୍ତି ଜନଗଣଙ୍କୁ । ଜଣେ ଗରିବ ଲୋକ ଯେତେ ଯୋଗ୍ୟତା, ଦକ୍ଷତା ଓ ଆନ୍ତରିକତାର ଅଧିକାରୀ ହେଉ ପଛେ – ଏ ଚନ୍ଦନଚର୍ଚ୍ଚିତ ଚିହ୍ନାବ୍ରାହ୍ମଣମାନଙ୍କ ଚିତାଚଇତାନୀ ରାଜନୀତି ତାକୁ ନେତୃତ୍ୱ ସ୍ତରକୁ ଉନ୍ନୀତ କରାଇବାର ସୁଯୋଗ ଦିଏନା । ଗରିବ ଲୋକଟିଏ ଖୁବ୍ ବେଶିରେ ମୁଖିଆ କର୍ମୀ ପର୍ଯ୍ୟନ୍ତ ଯାଇପାରେ, ମାତ୍ର ଟିକେଟ୍ କିଣି ନିର୍ବାଚନ ଜିଣି ନେତା ହେବା କି ମନ୍ତ୍ରୀ ହେବା ତା'ପକ୍ଷରେ ସହଜ ବ୍ୟାପାର ନୁହେଁ।

ଗଣତନ୍ତ୍ରରୁ ଗରିବ କ୍ରମେ ବିଦାୟ ନେଉଛି । ଗରିବ ନାଆଁରେ ଗୁରୁଗମ୍ଭୀର ଧ୍ୱନି ଦେଇ ଧନ୍ୟ ଏବେ ନିଜକୁ ବୋଲାଉଛି ନେତା– ଏ ଜନତାର ହର୍ତାକର୍ତା-ଦୈବ ବିଧାତା । ବ୍ୟୟବହୁଳ ନିର୍ବାଚନ କେବଳ ନକଲି ନେତୃତ୍ୱର ରାଜନୈତିକ ବିସ୍ତାରବାଦ ନିମନ୍ତେ ବାଟ ଫିଟାଉଛି । ଏହାଦ୍ୱାରା ଜାତୀୟ ସମ୍ପତି ଉପରେ ଶ୍ୟେନଦୃଷ୍ଟି ପକାଉଥିବା ଧନୀ ଧୂର୍ତମାନେ ଜାତୀୟ ବିପତିକୁ ନେଇ ମିନିଟିଏ ବି ମୁଣ୍ଡବ୍ୟଥାରେ ଘାରି ହେଉଥିବା ଉପଲବ୍ଧି କରିପାରୁନାହାନ୍ତି କେହି । 'ଦାରିଦ୍ର୍ୟ' ଏଭଳି ଏକ ସୂତ୍ର, ଯାହାକୁ ନେଇ ଏଠି ଏବେ ରାଜନୈତିକ ଦାରିବୃତି ନିଜ ନିଷିଦ୍ଧ ବଜାର ବିଛାଇବାର ବେଶ୍ ସଫଳ ହୋଇପାରିଛି । କିନ୍ତୁ ଏ 'ସଫଳତା' ଆମ ଜାତୀୟ ବ୍ୟର୍ଥତାକୁ ସାରା ଦୁନିଆ ଦରବାରରେ ସାବ୍ୟସ୍ତ କରିସାରିଛି ଶତସହସ୍ରଗୁଣ ।

ଜନତା ଦିନକୁଦିନ ଦରିଦ୍ର ହେଉଥିବାବେଳେ ନେତା ହେଉଛି ଧନୀ ଓ ମାନୀ । ଧନବଳରେ ଏଠି ଆୟତ କରାଯାଇପାରୁଛି ଜନବଳକୁ । ମନୋବଳ ଭାଙ୍ଗିପଡୁଛି ଯୁବପିଢିର । ବାଟବଣା ହେଉଛି ବେକାର ଯୁବକ, ବେରୋଜଗାର ଗରିବ, ନିଃସ୍ୱ କୃଷକ, ନିର୍ଦ୍ଧନ ଶ୍ରମିକ – ସାଧାରଣ ସର୍ବହରା ମଣିଷ । ରାଜନୀତି ଏଠି ଚାଲିଚି ବହୁଦଳୀୟ ଏକ ସୁପରିକଳ୍ପିତ ଯୋଜନାରେ । ସେ ଯୋଜନାର ସୂତ୍ରଧର ହେଉଛନ୍ତି ବିଦେଶୀ ପୁଞ୍ଜି ଉପରେ ପ୍ରତିଷ୍ଠିତ ଦେଶୀ ଶିଳ୍ପପତି ଗୋଷ୍ଠୀ ଏବଂ ସେମାନଙ୍କ ଭତାରେ ପରିପାଳିତ ଓ ପରିଚାଳିତ ଏ ଦେଶର ସୁବିଧାବାଦୀ ନ୍ୟସ୍ତସ୍ୱାର୍ଥ ସ୍ୱଚ୍ଛଳ ରାଜନୈତିକ ନେତୃପକ୍ଷ । ଦେଶ ଓ ଜାତିକୁ ନେଇ ଛଦ୍ମଚରିତ୍ରବର୍ଗ ଟେକି ଦେଉଛନ୍ତି ଭୟଙ୍କର ଭବିଷ୍ୟତ ହାତରେ । ଏଠି ଚଷା ମୂଳିଆ ମାହାଳିଆ ମରୁଚି, ଯୁବକ ଅକାଳ ବାର୍ଦ୍ଧକ୍ୟ କରୁଚି, ଶିଶୁମୃତ୍ୟୁର ହାର ଆହୁରି ବଢୁଚି । ବଂଚୁଛନ୍ତି ସେଇମାନେ - ଯେଉଁମାନେ ଜନଜୀବନକୁ ତଳିତଳାନ୍ତ କରି ସୁଇସ୍‌ବ୍ୟାଙ୍କ୍‌ରେ ନିଜ ସତାଇଶ ପୁରୁଷ ପାଇଁ ସଂପାଦି ରଖିଛନ୍ତି କଳାଟଙ୍କାର ଗୁପ୍ତ ଆକାଉଂଟ୍! କୁଆଡେ ଏତେ କଳାଟଙ୍କା ସୁଇସ୍ ବ୍ୟାଙ୍କ୍‌ରେ ଅଛି ଯେ ସେଠୁ ମାତ୍ର ୨୩ ଲକ୍ଷ କୋଟି ଟଙ୍କା ଆସିପାରିଲେ ଭାରତର ପ୍ରତି ଗାଆଁ ପିଛା ପଡିବ ୪ କୋଟି ଟଙ୍କା ଭାଗ ଏବଂ ଏଇ ଭାଗରେ ଗଢିଉଠିବ ଗରିବର ଗଣତନ୍ତ୍ର ! କି ଧୂଆଁବାଣ ! କେବଳ ମିଛମଣିଷମାନଙ୍କ ମଲାଘୋଡାର ଟାଙ୍କ ମାପିବା ବାଗବାଇଶ ଇଏ! ଗରିବାର ଗଣତନ୍ତ୍ରକୁ ଧୂର୍ତର ଧନତନ୍ତ୍ର କାହିଁକି ବା ବଂଚାଇରଖିବାର ଆନ୍ତରିକ ଉଦ୍ୟମ ବଜାୟ ରଖିବ ?

'ନେତା' ଶବ୍ଦର ଅର୍ଥ ଆଜି ପ୍ରଦୂଷିତ । ଖଚୁଆ, ମିଛୁଆ, ଲାଂଚୁଆ ଚରିତ୍ରର ନାମାନ୍ତର ପାଲଟିଛି ଏଇ 'ନେତା' ଶବ୍ଦ । ଏକ ନକାରାତ୍ମକ ଦୃଷ୍ଟିଭଂଗୀ ବ୍ୟାପିସାରିଛି ଭାରତୀୟ ରାଜନୀତିର 'ନେତା' ପଦକୁ ନେଇ । ନେତିବାଚକ ନେତୃତ୍ୱ ଓ ନୀତିରହିତ ରାଜନୀତିରେ ଭାରତବର୍ଷ ନୟାନ୍ତ । ପ୍ରଶାସନ ଆଉ ଜନଗଣଙ୍କ ପ୍ରତ୍ୟୟର ପରୀକ୍ଷା ଦେବାକୁ ଯୋଗ୍ୟ ନୁହେଁ। ସ୍ୱାର୍ଥସେବୀ ଶାସନର ସଇତାନୀ ଚକ୍ର ସିଏ । ହାକିମ ଆଗରେ ହାରିଗୁହାରି କରିକରି ହାରିସାରିଚି ହତାଶ-ପୁଲିସ୍ ପାଖରେ ଫେରାଦି ହେଇ ହେଇ ଫେରାର୍ ହେଇଯାଇଚି ଫକିରା । ଗରିବ ଗଢିବ ଗଣତନ୍ତ୍ର- ଯଦି ହଟିପାରିବ ନକଲି ନେତୃତ୍ୱର ଶାସନତନ୍ତ୍ର, ଧୂର୍ତ ଧଳାହାତୀମାନଙ୍କର ଧନତନ୍ତ୍ର, ଅମାନବିକତାରେ ଅଭ୍ୟସ୍ତ ଅବଶ ଅମଲାତନ୍ତ୍ର ! ନହେଲେ ନିସ୍ତାର ନାହିଁ । ନିସ୍ତାର ଦରକାର ଏ ସରକାର ଛତ୍ରଛାୟାଶ୍ରିତ ଅମଲାତାନ୍ତ୍ରିକ ଆଭିମୁଖ୍ୟରୁ । ଅମଲାତନ୍ତ୍ରର ଅଳିଆଗଦାରେ ଆମର ଲକ୍ଷ ଲକ୍ଷ ହେକ୍ଟର ଚାଷଜମିର ଭାଗ୍ୟ ଫିତାବନ୍ଧା ଫାଇଲ୍ ପାଲଟି ସାରିଛି । ପ୍ରଶାସନ କ'ଣ ? କେବଳ ଖଂଟକୁର୍ସିର ଚାରିଖୁରା – ଯେଉଁ ଚାରିଖୁରାରେ ବନ୍ଧା ହୋଇରହିଛି ବଂଧୁକ, ସିଂଦୁକ, ଯୋଜନା, ପରିଚାଳନା । ଜନଗଣଙ୍କ ଜୀବନସଂଗ୍ରାମର ସ୍ୱାଧୀନତା ପାଇଁ ଏ ଚାରୋଟିର ମୁକ୍ତି ଆଗେ ଦରକାର । ଅର୍ଥାତ୍ ବଂଧୁକର ଗୁଳି କୌଣସି ଗରିବ, ଦିନମଜୁରିଆ, ଆଦିବାସୀ କି ଅଧିବାସୀର ଛାତି ଆଡକୁ ଉଦ୍ଦିଷ୍ଟ ନହେଉ– ସିଂଦୁକର ସଂପତି କୌଣସି ଶାସିତ, ଶୋଷିତ, ବଂଚିତ କି ପ୍ରବଂଚିତର ସ୍ୱେଦଶୋଣିତରେ ଉପାର୍ଜିତ ଅର୍ଥଆଡକୁ ତୋଷରପାତୀ ତୀକ୍ଷ୍ଣଦୃଷ୍ଟି ନ ପକାଉ-ଯୋଜନାର ଯନ୍ତ୍ରଶାଳା କୌଣସି ଜାତି ବା ଜନଜାତିର ଉନ୍ନୟନ ନିମନ୍ତେ ଅଭିପ୍ରେତ ଅଟକଳକୁ ଅଟ୍ଟହାସ ନ କରୁ – ଏବଂ ପରିଚାଳନାର ପରୀକ୍ଷାନିରୀକ୍ଷା କୌଣସି ସନ୍ଧି ବା ଅଭିସନ୍ଧିର ଶିକାର ନହେଉ । ଦୁଃଖର କଥା ଯେ ବର୍ତମାନ ସ୍ୱଚ୍ଛଳ ଶାସନତନ୍ତ୍ରର ଅଚଳ ଅର୍ଥନୀତି ସାରା ଦେଶକୁ ପଙ୍ଗୁତ୍ୱ ଆଡକୁ ମୁହାଁଇ ନେଉଛି । ଆଜିର ଚଂଚକ ରାଜନୀତି ଆଗରେ ଚାଣକ୍ୟ ଅର୍ଥନୀତି ଆଣ୍ଠେଇପଡିଛି । ହାୟ! ଅର୍ଥନୀତିଜ୍ଞ ବି କହୁଛନ୍ତି ରାଜନୀତିଆଙ୍କ ବ୍ୟୟବରାଦର ଆୟ-ଆଦାୟ ବାବଦରେ ମୁଣ୍ଡ ନଖେଳାଇବା ପାଇଁ! ଯା'ଠାରୁ ବଳି ବିଡମ୍ବନା ଆଉ କ'ଣ ଥାଇପାରେ ? ଆଜିର ଭାରତବର୍ଷ ଯେତେବେଳେ ଚଳନ୍ତି ରାଜନୀତିର ଚଳୁକରା ଚରିତ୍ର ଉପରୁ ଆସ୍ଥା ହରାଇବାକୁ ଯାଉଛି, ସେତେବେଳେ ଆମେ ସମସ୍ତେ ଲୋଡୁଚୁ ଅସଲ ଅର୍ଥନୀତିର ହିତୋପଦେଶ । ମାତ୍ର ଆଜି ଅର୍ଥନୀତି ବି ରାଜନୀତିର ରିସ୍ତେଦାର ? ଅର୍ଥନୈତିକ ମାନ୍ଦାବସ୍ଥାର ଆତଙ୍କଜନକ ଆବହାଓ୍ୱାରେ ସାରା ଦୁନିଆକୁ ତ୍ରସ୍ତ କରିରଖିବାକୁ ଚାହୁଁଥିବା ଧୂର୍ତ ଧନତନ୍ତ୍ର ଏବେ ଭାରତବର୍ଷକୁ ନିଜ କଂସେଇଖାନାରେ ପରିଣତ କରି ଧ୍ୱସ୍ତ କରିଦେବ ଉତରପିଢିର ନବଭାରତକୁ ।

ନବଭାରତର ରାଜନୀତି ଏ ଭବସଂକଟକୁ ସାମ୍ନା କରିବ ନା ନାହିଁ? ବର୍ତମାନର ଭକ୍ଷକ ରାଜନୀତିର ଭସ୍ମାସୁରମାନଙ୍କ କବଳରୁ ଦେଶ ଓ ଜାତିକୁ ବଂଚାଇବାକୁ ହେଲେ ପ୍ରଥମେ ଦରକାର ରାଜନୀତିରୁ ଦଳମାନଙ୍କୁ ଉଚ୍ଛେଦ କରିବାର ଅଭିଯାନ । ଦଳ ପାଇଁ ନୁହେଁ, ଦେଶ ପାଇଁ ଯେଉଁ ରାଜନୀତି–ତାହା ହିଁ ଆମର ଦାବୀ ।

-ଯାଜପୁର ରୋଡ, ଯାଜପୁର, ମୋ: ୯୮୬୧୦୩୪୧୬୩

# ଈଶ୍ୱରଙ୍କ ଅନୁଗ୍ରହ

ଅନ୍ତର୍ଯ୍ୟାମୀ ପଟ୍ଟନାୟକ



ମନୁଷ୍ୟ ପ୍ରତ୍ୟେକ ମୁହୂର୍ତ୍ତରେ ଆଗକୁ ପାଦ ବଢ଼ାଇବା ଉଚିତ। ଗତିହୀନ ଜୀବନ ତା' ପାଇଁ ସୁନ୍ଦର ନୁହେଁ। ଛାତ୍ରଟିଏ ଯଦି ସ୍କୁଲର ଗୋଟିଏ ଶ୍ରେଣୀରେ ବାରମ୍ବାର ରହିଯାଏ, କେତେ ଦିନ ଆମେ ସହ୍ୟ କରିବା ? ସେ ପ୍ରତିବର୍ଷ ଉଚ୍ଚତର ଶ୍ରେଣୀକୁ ଯିବା ଆବଶ୍ୟକ। ଆଧ୍ୟାତ୍ମିକ ସାଧକ ସେହିପରି ସାଧନାର ଗୋଟିଏ ସ୍ତରରେ ସ୍ଥିର ହୋଇ ରହିବା ଉଚିତ ନୁହେଁ। ମନୁଷ୍ୟ ପ୍ରଥମେ ପ୍ରତିମୂର୍ତ୍ତି ବା ମୂର୍ତ୍ତି ପୂଜା କରେ। ଷୋଡ଼ଶ ଉପଚାର ମାଧ୍ୟମରେ ସେ ଅର୍ଚ୍ଚନା କରିଥାଏ ଯଥା ଧ୍ୟାନ, ଆବାହନ, ଆସନ, ପାଦ୍ୟ, ଅର୍ଘ୍ୟ, ସ୍ନାନ, ବସ୍ତ୍ର, ଯଜ୍ଞୋପବୀତ, ଚନ୍ଦନ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ତାମ୍ବୁଳ, ନୀରାଜନା ପ୍ରଦକ୍ଷିଣ, ନମସ୍କାର। ଉତ୍ତମ ଚରିତ୍ର, ଉତ୍ତମ ବ୍ୟବହାର, ନୈତିକ ମହତ୍ୱପୂର୍ଣ୍ଣ ଜୀବନଯାପନ ସାଧକର ଯୋଗ୍ୟତା ହେବା ଉଚିତ। ଷୋଡ଼ଶ ଉପଚାର ଅର୍ଚ୍ଚନା ଏକ ଉତ୍ତମ ବିଧି। କିନ୍ତୁ ସାଧକ ଏହି ସ୍ତରରୁ ଆତ୍ମଉପଲବ୍ଧି ଆଡ଼କୁ ଅଗ୍ରସର ହେବା ଉଚିତ। ଈଶ୍ୱରଙ୍କୁ ସମର୍ପିତ ପୁଷ୍ପରାଜି ଖୁବ୍ ଶୀଘ୍ର ମଳିନ ହୋଇପାରେ। ପୁଷ୍ପାଞ୍ଜଳିର ସୁଫଳ ମଧ୍ୟ କ୍ଷଣସ୍ଥାୟୀ ହୋଇପାରେ। ତେଣୁ ମଣିଷ ଯେଉଁ ପୁଷ୍ପକୁ ନିଜ ଦକ୍ଷତା ଓ ନିଷ୍ଠା ମାଧ୍ୟମରେ ନିଜର ଜୀବନ ବୃକ୍ଷରେ ପ୍ରସ୍ଫୁଟିତ କରାଇଥାଏ ଈଶ୍ୱର ସବୁବେଳେ ସେହି ପୁଷ୍ପକୁ ଅଧିକ ଭଲ ପାଆନ୍ତି। ସେହି ନୈତିକ ପୁଷ୍ପରାଜି ତାହାରି ନିଜ ହୃଦୟ ବଗିଚାରେ ହିଁ ପ୍ରସ୍ଫୁଟିତ ହୋଇଥାଏ। ଏହିଗୁଡ଼ିକ ମଧ୍ୟରେ ଅହିଂସା ପ୍ରଥମ ପୁଷ୍ପ। କେବଳ ଜୀବନ୍ତ ପ୍ରାଣୀକୁ ଆଘାତ ନ କରିବାକୁ ଅହିଂସା କୁହାଯାଇ ନପାରେ। ଏହା ପ୍ରକୃତରେ ଏକ ଉଚ୍ଚତର ମୌଳିକ ମୂଲ୍ୟବୋଧ। କେବଳ କାର୍ଯ୍ୟରେ ହିଂସା ଆଚରଣ ନ କରିବା ଯଥେଷ୍ଟ ନୁହେଁ, ଚିନ୍ତା ବା ବାକ୍ୟରେ ମଧ୍ୟ ଆମେ ପ୍ରାଣୀଙ୍କୁ କଷ୍ଟ ଦେବା ଉଚିତ ନୁହେଁ। ଜଣେ ଅନ୍ୟକୁ କଷ୍ଟଦେବା ବା ଅପମାନିତ କରିବା ପାଇଁ ଚିନ୍ତା କରିବା ଉଚିତ ନୁହେଁ। ଇନ୍ଦ୍ରିୟ ନିଗ୍ରହ ଜୀବନ ବଗିଚାର ଦ୍ୱିତୀୟ ପୁଷ୍ପ। ଜଣେ ଇନ୍ଦ୍ରିୟାସକ୍ତ ହେବା ଉଚିତ ନୁହେଁ। ତୃତୀୟ ପୁଷ୍ପଟି ଦୟା। ସର୍ବଭୂତେ ଦୟା (ପ୍ରତ୍ୟେକ ଜୀବ ଓ ପଦାର୍ଥ ପ୍ରତି ଦୟା) କାରଣ ପ୍ରତ୍ୟେକ ପ୍ରାଣୀ ଓ ପଦାର୍ଥ ମଧ୍ୟରେ ଈଶ୍ୱର ବିଦ୍ୟମାନ। କୁହାଯାଇଛି ଯେ ସର୍ବଦେବ ନମସ୍କାରଂ କେଶବମ୍ ପ୍ରତିଗଚ୍ଛତି। ଯେଉଁ ପ୍ରଭୁଙ୍କୁ ପ୍ରଣାମ କଲେ ମଧ୍ୟ ତାହା ପରମାତ୍ମାଙ୍କଠାରେ ପହଞ୍ଚିଯାଏ। ସେହି ସତ୍ୟରେ ଏହା ମଧ୍ୟ କୁହାଯାଇପାରେ ଯେ 'ସର୍ବଜୀବ ତିରସ୍କାରମ୍ କେଶବମ୍ ପ୍ରତିଗଚ୍ଛତି' ଯେଉଁ ପ୍ରାଣୀକୁ କଷ୍ଟ ଦେଲେ ମଧ୍ୟ ତାହା ପରମାତ୍ମାଙ୍କୁ କଷ୍ଟ ଦେଲାଭଳି ହୁଏ। କ୍ଷମା, ଧୈର୍ଯ୍ୟ, ସାହସ, ଶାନ୍ତ ଚତୁର୍ଥ ପୁଷ୍ପ। ଧର୍ମ ପୁସ୍ତକରେ କ୍ଷମାକୁ ସତ୍ୟ, ଧର୍ମ, ଜ୍ଞାନ, ଅହିଂସା ତ୍ୟାଗ ଓ ଆନନ୍ଦରୁ ଅଭିନ୍ନ ବୋଲି କୁହାଯାଇଛି।

କ୍ଷମା ବ୍ୟତୀତ ମନୁଷ୍ୟ ଗୋଟିଏ ମୁହୂର୍ତ୍ତ ମଧ୍ୟ ଆନନ୍ଦ ପାଇପାରିବ ନାହିଁ। ଏହା ଐଶ୍ୱରିକ ଗୁଣ ବୃଦ୍ଧି କରେ। ଏହା ମନୁଷ୍ୟର ଦିବ୍ୟତ୍ୱ ପରିପ୍ରକାଶ କରେ। ଏହା ମଣିଷର ପ୍ରକୃତିଗତ ହୋଇଯିବା ଉଚିତ। ନିର୍ବିକାର ଭାବ ଶାନ୍ତିର ମୌଳିକଗୁଣ। ସମୁଦ୍ର ସମସ୍ତ ପଦାର୍ଥକୁ ଏକତ୍ର କରି ଧରିରଖିବାକୁ ଇଚ୍ଛା କରୁଥିବାରୁ ନିମ୍ନରେ ରହିଛି ମେଘ ସମସ୍ତ ତ୍ୟାଗ କରି ମୁକ୍ତ ହେବାକୁ ଚାହୁଁ ଥିବାରୁ ଆକାଶରେ ରହିଛି। ଶାନ୍ତି ମଣିଷକୁ ସ୍ଥିର ମନ ଓ ସ୍ଥିର ଦୃଷ୍ଟି ପ୍ରଦାନ କରେ। ଶାନ୍ତି ପ୍ରାର୍ଥନା ତିନିଥର ଉଚ୍ଚାରଣ କରାଯାଏ-ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ। ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ତରର ଶାନ୍ତି ପାଇଁ ଏହି ମନ୍ତ୍ରକୁ ତିନିଥର ଉଚ୍ଚାରଣ କରାଯାଏ। ମନୁଷ୍ୟ ରାଗିବା ଅଥବା ଭୟରେ ମୁଣ୍ଡ ନୁଆଁଇବା ଉଚିତ ନୁହେଁ। ଉପନିଷଦରେ ଜନକ ମହର୍ଷିଙ୍କ ଜୀବନରେ ଆଧ୍ୟାତ୍ମ କି ଶାନ୍ତିର ଉଦାହରଣ ଦିଆଯାଇଛି। ତାଙ୍କୁ ବିଦେହ କୁହାଯାଉଥିଲା। ଏହାର ଅର୍ଥ ନୁହେଁ ଯେ ତାଙ୍କର ଦେହ ନଥିଲା। ପ୍ରକୃତରେ ସେ ଶରୀର ଓ ଏହାର ଆବଶ୍ୟକତାକୁ ଭୁଲିଯାଇ ଜୀବନଯାପନ କରୁଥିଲେ। ସେ କେବଳ ଆତ୍ମା ଚେତନ ସ୍ତରରେ ଦେଖୁଥିଲେ, ଶୁଣୁଥିଲେ ଓ କଥାବାର୍ତ୍ତା କରୁଥିଲେ।

ଷଷ୍ଠ ପୁଷ୍ପଟି ହେଉଛି ତପ। ତପ ଅର୍ଥ ନୁହେଁ ସ୍ତ୍ରୀ, ସନ୍ତାନ ପ୍ରଭୃତିଙ୍କୁ ତ୍ୟାଗ କରି ଅରଣ୍ୟର ନିର୍ଜନତା ମଧ୍ୟକୁ ପଳାୟନ କରିବା। ପ୍ରକୃତ ତପ ହେଉଛି ଚିନ୍ତା, ଭାଷା ଓ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷାକରିବା। ଦୁଷ୍ଟ ପ୍ରକୃତିର ଲୋକ ଏହା କେବେ ଆଚରଣ କରିପାରିବେ ନାହିଁ; କାରଣ ନିଜ ସହିତ ମଧ୍ୟ ସେ ମିଥ୍ୟାଚାର କରେ। ମନୁଷ୍ୟ ଯେତେବେଳେ ଏହି ତପର ଅଧିକାରୀ ହେବ ତା'ର ପ୍ରତ୍ୟେକ ବାକ୍ୟ ଏତେ ଶକ୍ତିଶାଳୀ ହେବ ଯେ ସେ ଯାହା ଉଚ୍ଚାରଣ କରିବ ତାହା ମନ୍ତ୍ରରେ ପରିଣତ ହୋଇଯିବ। ଆମର ସପ୍ତମ ପୁଷ୍ପଟି ହେଉଛି ଧ୍ୟାନ। ମୋ' ମସ୍ତକରେ ଯେତିକି କେଶ ଅଛି ସେତେପ୍ରକାର ଧ୍ୟାନର ପଦ୍ଧତି ଆଜିକାଲି ପ୍ରଚଳିତ। ପ୍ରତ୍ୟେକ ତାଙ୍କର ଇଚ୍ଛା ଅନୁଯାୟୀ ଏହାକୁ ବର୍ଣ୍ଣନା କରୁଛନ୍ତି। ଧୀରସ୍ଥିର ଭାବରେ ବସି ନିଜର ଭାବନା ଓ ଚିନ୍ତାଧାରାକୁ ଈଶ୍ୱରଙ୍କ ଉପରେ କେବଳ ନିବଦ୍ଧ କରିବା ଧ୍ୟାନ ନୁହେଁ। ଈଶ୍ୱରଙ୍କ ମାଧ୍ୟମରେ ନିଜର ଇଚ୍ଛା, ଅନୁଭବ ଓ ଭାବନା ଇତ୍ୟାଦିକୁ ଐଶ୍ୱରିକ କରିବା ଉଚିତ। ଈଶ୍ୱରଙ୍କୁ ନିଜ ସ୍ତରକୁ ଓହ୍ଲାଇ ଆଣିବା ଉଚିତ ନୁହେଁ ବରଂ ନିଜକୁ ଈଶ୍ୱରଙ୍କ ସ୍ତରକୁ ଉନ୍ନତି କରିବା ଉଚିତ।

ଅଷ୍ଟମ ପୁଷ୍ପଟି ସତ୍ୟ। ଏହି ସତ୍ୟ ସମୟ ସ୍ରୋତରେ ଅପରିବର୍ତ୍ତିତ ରହେ। କେବଳ ଈଶ୍ୱର ହିଁ ଅପରିବର୍ତ୍ତିତ ଭାବେ ଅତୀତରୁ ବର୍ତ୍ତମାନ ମଧ୍ୟ ଦେଇ ଭବିଷ୍ୟତ ପର୍ଯ୍ୟନ୍ତ ରହିପାରନ୍ତି। ଯେତେବେଳେ ଏହି ପୁଷ୍ପ ତୁମ ହୃଦୟ ମଧ୍ୟରେ ପ୍ରସ୍ଫୁଟିତ ହେବ ତାହା ତୁମକୁ ଅନନ୍ତ ସୌରଭରେ ପୂର୍ଣ୍ଣ କରିବ। ଈଶ୍ୱରଙ୍କୁ ଏହି ସମସ୍ତ ପୁଷ୍ପଦ୍ୱାରା ପୂଜା କରିବା। ପୂଜାରେ ଯଦି ଅନ୍ୟ ପୁଷ୍ପ ବ୍ୟବହାର କର ପୂଜା ଗୃହରୁ ବାହାରି ଆସିଲାକ୍ଷଣି ମନରେ ଭକ୍ତି ରହେନାହିଁ। ଉପରେ ବର୍ଣ୍ଣିତ ଅଷ୍ଟପୁଷ୍ପ ରୂପକ ଗୁଣଗୁଡ଼ିକ ଜଣେ ଆହରଣ କରି ନ ପାରିଲେ ଈଶ୍ୱରଙ୍କ ଅନୁଗ୍ରହ କିପରି ଆଶ କରିବ ? ତେଣୁ ବଗିଚାର ଫୁଲ ଈଶ୍ୱରଙ୍କୁ ଅର୍ପଣ କରିବା ପରିବର୍ତ୍ତେ, ଏହି ଗୁଣଗୁଡ଼ିକୁ ନିଜ ଜୀବନରେ ଅଭ୍ୟାସ କରି ଏବଂ ସେହି ପୁଷ୍ପରାଜିକୁ ଅର୍ପଣ କରି ସାଇ ଆଶ୍ରିତର ଯଥାର୍ଥତା ପ୍ରତିପାଦନ କରିବା ଉଚିତ।

-ଟ୍ରଷ୍ଟ କନ୍‌ଭେନର, ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର, ଦୂରଭାଷ: ୯୪୩୭୦୨୨୦୬୧

# ସତ୍‌ସଙ୍ଗର ଆହ୍ୱାନ : ବିଶିଷ୍ଟତାର ବୋଧ

------ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର------



ପରମପ୍ରେମମୟ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବିଭିନ୍ନ ସମୟରେ ମନୁଷ୍ୟ ସମାଜର ଉନ୍ନତିକଳ୍ପେ ଅନେକ ମାର୍ଗ ଦର୍ଶନ କରିଛନ୍ତି। ଆମ୍ଭମାନଙ୍କୁ ସତ୍ ଅନୁଚିନ୍ତନ ଓ ଈଶ୍ୱରାଭିମୁଖୀ ଜୀବନ ପାଇଁ ଯୁଗପୁରୁଷୋତ୍ତମ ଅଶେଷ କୃପା ପ୍ରଦାନ କରିଛନ୍ତି। ଏକଦା ଏକ ଅବସରରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବିଶିଷ୍ଟତା ବୋଧ ସମ୍ବନ୍ଧରେ ଆଲୋଚନା କରି ଉଲ୍ଲେଖ କରିଛନ୍ତି-'ଧର, ତୁମେ ଗୋଟଏ ଗାଈ ପାଳିବ। ଗାଈ ପାଳିବାକୁ ହେଲେ ତୁମର ଜାଣିବା ଦରକାର-ଗାଈ କି ଧରଣ ଜନ୍ତୁ, ତା'ର ଆହାର ଓ ବାସସ୍ଥାନ କିପରି ହେବା ପ୍ରୟୋଜନ। ତାହା ନ ବୁଝି, ତୁମେ ଲୁଚି ଖାଅ ବୋଲି ଯଦି ଗାଈକୁ ଦୈନିକ ଲୁଚି କରି ଖୁଆଅ, ତାହା କିନ୍ତୁ ତାକୁ ରୁଚିବ ନାହିଁ। ଏତେ ଭଲ ଖାଇବାକୁ ଦେଇ ମଧ୍ୟ ତୁମେ ତାକୁ ବଞ୍ଚାଇ ପାରିବ ନାହିଁ। ପୁଣି ଧର, ତୁମେ ବନ୍ଦ ଘର ଭିତରେ ଝରକା, କବାଟ କିଳି ରଖିଲେ ତାହେଲେ ସେ ଅଣନିଃଶ୍ୱାସୀ ହୋଇ ମରିଯାଇପାରେ। ପୁଣି ଧର, ତୁମେ ଜାଣ ଯେ, ଗାଈ ଘାସ-ପତ୍ର, ପରିବା ଚୋପା, ପେଜ ଇତ୍ୟାଦି ଖାଏ, କିନ୍ତୁ କେଉଁ ପରିମାଣ ଖାଦ୍ୟ ଦୈନିକ ଗାଈର ପ୍ରୟୋଜନ ତା ଯଦି ତୁମେ ନ ଜାଣ ଏବଂ ନିଜର ଖାଇବା ଅନୁଯାୟୀ ଗାଈର ଖାଇବା ବ୍ୟବସ୍ଥା କର, ତା ହେଲେ କିନ୍ତୁ ଗାଈର ସର୍ବନାଶ ହୋଇଯିବ। ପୁଣି ତୁମର ଗାଈଟା କେଉଁ ଜାତିର ତା ମଧ୍ୟ ଜାଣିବା ଦରକାର। ଭାଗଲପୁରୀ ଗାଈ ଯଦି ହୋଇଥାଏ ତେବେ ତାର ଦାନା ଇତ୍ୟାଦି ଦେଶୀ ଗାଈ ପରି ହେବନାହିଁ। ତେଣୁ ଦେଖ, କାମ କରିବାକୁ ଗଲେ ବିଶେଷ ଜ୍ଞାନ ଦରକାର କି ନା ? ସର୍ବକ୍ଷେତ୍ରରେ ଏହିପରି ହୋଇଥାଏ। ପନିପରିବା କିଆରି କରିବାକୁ ଗଲେ ମଧ୍ୟ ବିଶେଷ ଜ୍ଞାନ ଦରକାର। ଆଳୁ, କୋବି, ସାରୁ, ମୂଳା, କଦଳୀ ଇତ୍ୟାଦି ପ୍ରତ୍ୟେକକୁ ସଚ୍ଚିଦାନନ୍ଦ ବିଗ୍ରହ ଭାବି ସମାନଭାବେ ଯଦି ଚାଷ କରିବାକୁ ଚାହିଁ, ତାହେଲେ କିନ୍ତୁ ହେବନାହିଁ। ଯାହାକୁ ଯେପରି ପୋଷଣ ଦରକାର, ତାକୁ ସେହିପରି ପୋଷଣ ଦେବାକୁ ହେବ, ତାହେଲେ ଫଳ ପାଇବ। ଯାହାକୁ ତୁମେ ଅଚେତନ ପଦାର୍ଥ ବୋଲି ମନେକର, ସେ କ୍ଷେତ୍ରରେ ମଧ୍ୟ ସେଇ ଏକଥା। ତୁମର ଲୁଗାଟାକୁ ସୋଡ଼ାରେ ବୁଡ଼ାଅ ବୋଲି ସାଲଟାକୁ ମଧ୍ୟ ସୋଡ଼ାରେ ବୁଡ଼ାଇ ପାରିବ ନାହିଁ। ତାହେଲେ ସାଲ ଆଉ ସାଲ ହୋଇ ରହିବ ନାହିଁ। ଏଇ ବିଶେଷତ୍ୱ ବୋଧ ସମଗ୍ର ଦୁନିଆରେ ପ୍ରତି ଅଣୁ-ପରମାଣୁରେ ବିଶେଷ ଭାବରେ ଉପଲବ୍ଧ। ପ୍ରତ୍ୟେକ ଯାହା କିଛି ବା ଯେ କେହି ବିଶିଷ୍ଟ, ତାର ପାଳନ, ପୋଷଣ ଓ ବର୍ଦ୍ଧନ ମଧ୍ୟ କରିବାକୁ ହେବ ବିଶିଷ୍ଟ ପ୍ରକାରେ, ତା'ହେଲେ ତାର ବୈଶିଷ୍ଟ୍ୟ ବଜାୟ ରହିବ। ଏହି ବୈଶିଷ୍ଟ୍ୟକୁ ଭାଙ୍ଗିଦେଲେ, ତାର ସତ୍ତାକୁ ଆଘାତ କରାଯାଏ ଏବଂ ତାଠାରୁ ଯାହା ପ୍ରାପ୍ୟ ତାହା ମିଳେ ନାହିଁ। ଭୀଷଣ କ୍ଷତି ହୋଇଯିବ। ଆଜିକାଲି ଅନେକେ ହିଁ ବ୍ରାହ୍ମଣ ଅର୍ଥାତ୍ ବିପ୍ର ହେବାକୁ ଚାହାନ୍ତି। ମୁଁ କହେ ସେଥିରେ ତୁମର ଲାଭ କ'ଣ ? କ୍ଷତ୍ରିୟ ଯଦି ପ୍ରକୃତ କ୍ଷତ୍ରିୟ ହୁଏ, ବୈଶ୍ୟ ଯଦି ପ୍ରକୃତ ବୈଶ୍ୟ ହୁଏ, ଶୁଦ୍ର ଯଦି ପ୍ରକୃତ ଶୁଦ୍ର ହୁଏ, ତାହେଲେ ଦେଶ ସମେତ ସମସ୍ତେ ଉନ୍ନତ ହୋଇ ଉଠିବେ। ତାହା ନ କରି ନିଜକୁ ବିପ୍ରବୋଲି ଯଦି ଜାହିର କରିବାକୁ ଚାହାନ୍ତି, ତାଦ୍ୱାରା କେଉଁଆଡୁ ସୁବିଧା ହେବନାହିଁ। ବିପ୍ର ଯେତେ ମହାନ ହେଲେ ବି କେବଳ ବିପ୍ରଙ୍କ ଦ୍ୱାରା ସମାଜ ଚଳିବ ନାହିଁ। ସମାଜର ନାନାବିଧ ପ୍ରୟୋଜନ ଅଛି, କେବଳ ବିପ୍ରଙ୍କ ଦ୍ୱାରା ସମସ୍ତ ପ୍ରୟୋଜନ ପୂରଣ ହୋଇଯିବ ନାହିଁ। ତେଣୁ ପ୍ରତ୍ୟେକଟି ବର୍ଣ୍ଣର ଅସ୍ତିତ୍ୱ ଦରକାର, ଉନ୍ନତି ଦରକାର। ସକଳ ବର୍ଣ୍ଣର ସମବାୟୀ ପ୍ରଚେଷ୍ଟା ଦ୍ୱାରା ହିଁ ସମାଜର ସର୍ବାଙ୍ଗୀନ ଉନ୍ନତି ସମ୍ଭବ। ତାଛଡ଼ା ବୈଶିଷ୍ଟ୍ୟକୁ ବର୍ଜନ କରି, ଢ଼ଙ୍ଗକରି ଅନ୍ୟ କିଛି ସାଜିବାର ମତଲବ ଭଲ ନୁହେଁ। ଅନେକ ବିପ୍ର ମଧ୍ୟ ଅଛନ୍ତି, ଲୋକଙ୍କ ପାଖରେ ପ୍ରିୟ ହେବା ପାଇଁ, ଅସଂସ୍କୃତ ଓ ଅସଦାଚାରୀ ଯେକୌଣସି ଲୋକର ଘରେ ଯାଇ ପତ୍ର ପକାଇ ଖାଇବାକୁ ଦ୍ୱିଧା କରନ୍ତି ନାହିଁ। ଲୋକଙ୍କ ପାଖରେ ଆତ୍ମବଡ଼ିମା କରି କହନ୍ତି, ମୁଁ ଉଦାରଚେତା, ମୋ ପାଖରେ ସେ ସବୁ କୁସଂସ୍କାର ନାହିଁ। ଦୃଢ଼ ପ୍ରତ୍ୟୟ ଚିତ୍ତରେ ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ-ମୋର କିନ୍ତୁ ଶୁଣି ମନେହୁଏ, ଏମାନେ ଅତ୍ୟନ୍ତ ସଂକୀର୍ଣ୍ଣ ଓ ସଂକୀର୍ଣ୍ଣ ଏଇଥିପାଇଁ କହୁଛି ଯେ, ବ୍ୟକ୍ତିଗତ ବାହାବାର ଖାତିରରେ, ଆତ୍ମପ୍ରତିଷ୍ଠାର ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ, ସେ ତାର ପିତୃପୁରୁଷଙ୍କ ସଦାଚାରର ଧାରାକୁ ପଦଦଳିତ କରିବାକୁ କୁଣ୍ଠିତ ହୁଏନା ଏବଂ କୁସଂସ୍କାରଗ୍ରସ୍ତ ଏଇଥିପାଇଁ କହୁଛି ଯେ, ତାର ଧାରଣା ଯେ ବର୍ଣ୍ଣାଶ୍ରମ, ଯାହାକି ଜାତୀୟ ଉନ୍ନତିର ମେରୁଦଣ୍ଡ, ତାକୁ ଭାଙ୍ଗିଦେଇ ପାରିଲେ ହିଁ ଜାତିର ଏକଦା ଓ କଲ୍ୟାଣ ହେବ, ଏହାଠାରୁ ମୂଢ଼ କୁସଂସ୍କାର ଆଉ କ'ଣ ହୋଇପାରେ ? ସ୍ୱାଧୀନ ଚିନ୍ତା ନାମରେ, ହୀନମନ୍ୟତା ପ୍ରସୂତ, ବୈଶିଷ୍ଟ୍ୟବର୍ଜନୀ ଉଚ୍ଛୃଙ୍ଖଳ ମତବାଦକୁ ପ୍ରଶ୍ରୟ ଦେଇ ଆମର ତଥାକଥିତ ଶିକ୍ଷିତଗଣ ଯେତେ କୁସଂସ୍କାରଗ୍ରସ୍ତ ହେଉଛନ୍ତି, ଆମ ଦେଶର ନିରକ୍ଷରଗଣ କିନ୍ତୁ ସେତେ କୁସଂସ୍କାରଗ୍ରସ୍ତ ହୋଇନାହାନ୍ତି। ସେମାନଙ୍କର ଶ୍ରଦ୍ଧା ଥିଲା, ଭକ୍ତି ଥିଲା, ନିଷ୍ଠା ଥିଲା, ଆଚାର, ନିୟମ, ଆସ୍ଥା, ସବୁ କିଛି ଥିଲା। କୌଣସି-କୌଣସିସ୍ଥଳେ ଯୁକ୍ତି ବିଚାର ନଥିଲା। ମାତ୍ରାହୀନ ଆତିଶଯ୍ୟ ଥିଲା, ତଦ୍ୱାରା ଯେଉଁ କ୍ଷତି ହେଉଥିଲା ତାର ଗୋଟାଏ ସୀମାରେଖା ଥିଲା, ସଂଶୋଧନ ହୋଇ-ପାରୁଥିଲା। ମଣିଷ ଯଦି ସ୍ୱକୀୟ କୃଷ୍ଟି, ଐତିହ୍ୟ ଓ ବୈଶିଷ୍ଟ୍ୟକୁ ଭଲରୂପେ ଜାବୁଡ଼ି ଧରି ଆତ୍ମସ୍ଥ ନ ହୁଏ ତାହେଲେ ଏପରି ବିପର୍ଯ୍ୟୟ ହିଁ ଦେଖାଦିଏ। ସେପରି ଅବସ୍ଥାରେ ସେ ବାହାରର କୌଣସି ଜିନିଷକୁ ଆତ୍ମୀକୃତ କରି ଆତ୍ମପୁଷ୍ଟି ସଂଗ୍ରହ କରିପାରେନା, ବରଂ ତାର ଖୋରାକ ହୋଇପଡ଼େ। ଆମ୍ଭମାନଙ୍କର ହୋଇଛି ସେହି ଅବସ୍ଥା। ତେଣୁ ପାଶ୍ଚାତ୍ୟ ଶିକ୍ଷାର ଭଲ ଦିଗଟା ଆମେ ଗ୍ରହଣ କରି ପାରିନୁ। ସେମାନଙ୍କ ଦକ୍ଷତା, ଅନୁସନ୍ଧିତ୍ସା, ଶ୍ରମ-ପରାୟଣତାର ଅଭ୍ୟାସ, ବାସ୍ତବତାର ଜ୍ଞାନ, ସଂକଳ୍ପ, ଇଚ୍ଛାଶକ୍ତି, ବୈଜ୍ଞାନିକଧାରା, ଜାତୀୟ ମର୍ଯ୍ୟାଦାବୋଧ ଆମ ଭିତରେ ସଂଚାରିତ ହୋଇନାହିଁ। ଆମେ ନା ଜଳଚର, ନା ସ୍ଥଳଚର ନା ଉଭୟଚର। ଆମେ ଯେପରି ତ୍ରିଶଙ୍କୁ ପରି ଶୂନ୍ୟରେ ଝୁଲୁଛୁ। ଆମ ମଧ୍ୟରୁ ଅନେକଙ୍କର ଗୋଡ଼ ତଳୁ ମାଟି ଖସି ଯାଇଛି, ତେଣୁ ଆମର ନିଜସ୍ୱ ଯାହା ତାହା ବାଦଦେଇ ଚମକପ୍ରଦ ନୂଆ କିଛି ପାଇଲେ ହିଁ ଆମେ ଫୁଙ୍ଗୁଲା ହୋଇ କ'ଣ ନାହିଁ କ'ଣ କରି ପକାଉ। ଦୁଃଖିତ ବଦନରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ-ଲଜ୍ଜା, ଘୃଣା ଓ ଅବଶୋଷରେ ମୋର ଛାତି ଭିତରଟା ଯେପରି କ'ଣ ହୋଇଯାଏ। ପୁଣି ଦୁଃଖର କଥା ଯେ ସଂଗତିହୀନ କେତେକ ବାଜେ କଥା ମୁଣ୍ଡରେ ପୁରାଇ ସେମାନେ ନିଜକୁ ମନେକରନ୍ତି ଖୁବ୍ ଶିକ୍ଷିତ। ଅହଙ୍କାରବଶତଃ ଧରାକୁ ସରା ଜ୍ଞାନ କରନ୍ତି। ଅଥଚ ପରର ଚାକର ନ ହୋଇ, ସ୍ୱାଧୀନଭାବେ ପେଟର ଭାତ ଯୋଗାଡ଼ କରିବାର ମର୍ଦ୍ଦପଣିଆ ନାହିଁ। ମୋଟକଥା, ଶ୍ରଦ୍ଧା ନଥିଲେ ମଣିଷ ଅନ୍ତଃସାର ଶୂନ୍ୟ ହୋଇପଡ଼େ। ମଣିଷର ଶ୍ରଦ୍ଧାର ଭଣ୍ଡାରକୁ ଶୂନ୍ୟ କରିଦେଇ, ହୃଦୟକୁ ଶୁଷ୍କ କରିଦେଇ, କେବଳ ମସ୍ତିଷ୍କ ଓ ଯୁକ୍ତିବିଚାରକୁ ଯେତେ ପୁଷ୍ଟ କରାଯାଉ ନା କାହିଁକି, ତଦ୍ୱାରା କଲ୍ୟାଣ ହୁଏନା। ପାଞ୍ଚଭୂତ ମିଶି ଯାଇଁ ଆମର ସୁନାର ଦେଶକୁ ଚୂନା କରିଦେଲେ। ଯେଉଁ ଦେଶରେ ଘରେ ଘରେ ଦେବତା ଜନ୍ମ ହେଉଥିଲେ, ସେ ଦେଶରେ ଆଜି କୋଡିଏଟା ଗାଁ ଖୋଜି ଆସିଲେ ଗୋଟାଏ ମଣିଷପରି ମଣିଷ ପାଇବ ନାହିଁ। ଅଥଚ ମୁଁ ଭଲଭାବେ ଜାଣେ ଯେ ମୋଡ଼ ଟା ଫେରାଇ ଦେବା କଠିନ କିଛି ନୁହେଁ। ମନ କରିଲେହିଁ ହେଲା।



-ସହପ୍ରତିରକ୍ଷିକ, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭




# ଅମୃତ ମହୋତ୍ସବରେ ଅମୃତ ସମ୍ମାନ ସମାରୋହ ଅନୁଷ୍ଠିତ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ପୂଜ୍ୟ ପୂଜା ଅନୁଷ୍ଠାନ ଓ ପଣ୍ଡିତ ଗଦାଧର ଉଦ୍ଗାତା ଶ୍ରୁତି ସମିତି ଆନୁକୁଲ୍ୟରେ ସ୍ଥାନୀୟ ପତିତପାବନ ଏକାଡେମୀ ସଭାଗୃହରେ ସ୍ୱାଧୀନତାର ଅମୃତ ମହୋତ୍ସବରେ'' ଅମୃତ ସମ୍ମାନ '' ସମାରୋହ ଆଜି ପୂର୍ବାହ୍ନ ୧୦ଟା ସମୟରେ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କସ୍ତୁରୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୭୫ ବର୍ଷ ରୁ ଅଧିକ ସାମାଜର ବିଭିନ୍ନ ବର୍ଗର ବରିଷ୍ଠ ନାଗରିକ ଯେଉଁମାନଙ୍କ ସମାଜ ପ୍ରତି ବିଶେଷ ଅବଦାନ ରହିଛି ସେଭଳି ବ୍ୟକ୍ତି ବିଶେଷ ମହିଳା ମାନଙ୍କୁ ଏଠାରେ ଅମୃତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଥମରେ ପୂଜାର୍ଚ୍ଚନା ପରେ ଆହୁତ ବରିଷ୍ଠ ନାଗରିକ ମାନଙ୍କୁ ଟୀକା ଚନ୍ଦନ ଦେଇ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଖୁଜେନ ପାଲି ଆଶ୍ରମର ବିଶ୍ୱାତ୍ମା ଚେତନା ପରିଷଦର ସ୍ୱାମୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ଯୋଗଦେଇ ଭାରତୀୟ ସଂସ୍କୃତିରେ ବରିଷ୍ଠ ମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ରହିଛି, ସାମାଜ ଗଠନରେ ଯେଉଁ ମାନଙ୍କର ଅବଦାନ ରହିଛି ତାଙ୍କୁ ଭୁଲି ନଯାଇ ଏଭଳି ପୂଜ୍ୟପୂଜାର ଅନୁଷ୍ଠାନକୁ ସେ ପ୍ରସଂଶା କରିଥିଲେ। ଆରମ୍ଭରେ ପଣ୍ଡିତ ଉଦ୍ଗାତାଙ୍କ ତୃତୀୟ ପିଢିର ଦାୟାଦ ଆଲୋକ ଉଦ୍ଗାତା ସ୍ୱାଗତ ଭାଷଣ ଦେଇ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ତାଙ୍କର ବଂଶାବଳୀ ଉପରେ କହି ପଣ୍ଡିତ ଗଦାଧର ଉଦ୍ଗାତାଙ୍କ ବହୁଳ ପ୍ରତିଭା ପରିଚୟ କୃତି ଓ ତାଙ୍କର ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ। ତାଙ୍କର ପିତା ଅଚ୍ୟୁତାନନ୍ଦ ଉଦ୍ଗାତା ବ୍ୟାଙ୍କ ଚାକିରୀରୁ ଅବସର ନେବା ପରେ ଜ୍ୟୋତିଷ ବିଶାରଦ ତଥା ନିଜକୁ ସାମାଜିକ କାର୍ଯ୍ୟରେ ନିୟୋଜିତ କରିଥିଲେ। ତାଙ୍କର ତଥା ମାତା ମାଳତି ଉଦ୍ଗାତା ନିଜକୁ ସଚେତନ ମହିଳା ମଂଚ ଆଦ୍ୟାଶକ୍ତି ନାରୀ ସଂଗଠନ ତଥା ଅନ୍ୟାନ୍ୟ ସଂଗଠନ ସହିତ ନିଜକୁ ସାମିଲ କରିଛନ୍ତି। ତାଙ୍କର ପ୍ରଚେଷ୍ଟା ଓ ପୂଜ୍ୟପୂଜା ଅନୁଷ୍ଠାନର ସକ୍ରିୟ ସହଯୋଗରେ ଏହି ଅନୁଷ୍ଠାନ ବୋଲି କହିଥିଲେ। ମୁଖ୍ୟ ବକ୍ତା ରୂପରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇ ବରିଷ୍ଠ ମାନଙ୍କୁ ଆଜି ଅମୃତ ସମ୍ମାନରେ ସମ୍ମାନିତ ତାଙ୍କର କାର୍ଯ୍ୟକୁ ସ୍ୱିକୃତି ପ୍ରଦର୍ଶନ ଓ ସମାଜ ଗଠନରେ ତାଙ୍କ ପ୍ରତି କୃତଜ୍ଞତା ବୋଲି କହିଥିଲେ। ସଂଗଠନ ସମ୍ପାଦକ ମଧୁ ସାହୁ ସଭା ପରିଚାଳନା କରିଥିଲେ। ସମ୍ମାନ କାର୍ଯ୍ୟକ୍ରମରେ ପୂଜ୍ୟପୂଜା ଅନୁଷ୍ଠାନର କାର୍ଯ୍ୟକାରୀ ସମ୍ପାଦକ ମଦନମୋହନ ରଥ ସ୍ୱାଗତ ଓ ପରିଚାଳନା କରିଥିବା ବେଳେ ଉଦ୍ଗାତା ପରିବାର ସପରିବାର ସହଯୋଗରେ ସମ୍ମାନ ପର୍ବରେ ଶିକ୍ଷକ ପ୍ରାଣବନ୍ଧୁ ନାଏକ, ଡଃ. ସଦାଶିବ ପଟ୍ଟନାୟକ, ପ୍ରଶାସକ ବିନୋଦ ବିହାରୀ ମିଶ୍ର, ପଣ୍ଡିତ ଟିକେଶ୍ୱର ଗୁରୁ, ଶିକ୍ଷକ ଲକ୍ଷ୍ମୀକାନ୍ତ ଦାଶ, ପ୍ରଫେସର ବାଞ୍ଛାନିଧି ରଥ, ପଣ୍ଡିତ ଡଃ. ଜୟକୃଷ୍ଣ ଦାଶ ଶର୍ମା, ଲେଖିକା ରାସେଶ୍ୱରୀ ମିଶ୍ର, ଡଃ. କୃଷ୍ଣ ପ୍ରସାଦ ବହିଦାର, ଡ. ଘାସିରାମ ମିଶ୍ର, ଶଶିଭୂଷଣ ମିଶ୍ର, ଗାଡିକାର ଉଦୟନାଥ ଦର୍ଜି, ରାଧାକାନ୍ତ ମିଶ୍ର, ଶିକ୍ଷିକା ଶାନ୍ତିଲତା ବହିଦାର, ଇଂ. ଶଶଧର ଦାଶ, ଅଧ୍ୟାପକ ଅଭିମନ୍ୟୁ ମିଶ୍ର, ବିକ୍ରମ ନନ୍ଦ ବହିଦାର, ନାମୟଜ୍ଞ ମିଶ୍ର, ଆଦିକନ୍ଦ ଷଡଙ୍ଗୀ, ପଣ୍ଡିତ ବ୍ରଜବିହାରୀ ତ୍ରିପାଠୀ, ନୀଳମଣି ମିଶ୍ର, ସଙ୍ଗୀତଜ୍ଞ କାଳିପ୍ରସାଦ ଷଡଙ୍ଗୀ, ଡାକ୍ତର ରୁକ୍ମଣୀ ଉଦ୍ଗାତା, ରାହସ ବିହାରୀ ମାଝୀ, ଶିକ୍ଷକ ଗାଡିକାର ବିକ୍ରମାଦିତ୍ୟ ମିଶ୍ର, ଡାକ୍ତର ଜ୍ୟୋତିର୍ମୟୀ ମହାପାତ୍ର, ଶିକ୍ଷକ କପିଳ ପତି, ଶିକ୍ଷକ ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ ଅତିଥି ମାନେ ଫୁଲତୋଡା, ଉପଢୌକନ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଶେଷରେ ସୁନା ଧର ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ।

## ବିବେକାନନ୍ଦ ଜୟନ୍ତୀରେ ହଜାରେ ଯୁବକ ଯୋଗଦେଲେ

ପୁରୀ, (ପି.ଏନ): ବିବେକାନନ୍ଦ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ଯୁବ ଉତ୍ସବ ୨୦୨୩ ଅନୁଷ୍ଠିତ ହେବ । ଏଥିପାଇଁ ଆଜି ଏକ ପ୍ରସ୍ତୁତି ବୈଠକ କଳିଙ୍ଗ କିଡ଼ସ୍ ପ୍ଲେ ସ୍କୁଲ ଠାରେ ଡ଼କ୍ଟର ମହେଶ୍ୱର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ ସଦଭାବନା ମଞ୍ଚ ପକ୍ଷରୁ ଏହି ଉତ୍ସବ ଆୟୋଜନ କରାଯିବ ବୋଲି ଏହାର ଆବାହକ ତଥା ଦି ମିରର ସଭାପତି ସଞ୍ଜୟ କୁମାର ପ୍ରଧାନ ଯୁବ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ରାଜ୍ୟରୁ ହଜାରେ ଯୁବକ ଯୋଗଦେବେ। ପୁରୀର ବିକାଶ ପାଇଁ ଯୁବକମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହେବ।

## କୋରାପୁଟ ଜିଲ୍ଲା ଅମଲା ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

ଜୟପୁର, (ପି.ଏନ): କୋରାପୁଟ ଜିଲ୍ଲା ଅମଲା ସଂଘ ସମ୍ପାଦକ ଶଶୀଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସରକାରୀ କାଳିକା ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର କାର୍ଯ୍ୟରତ ଅମଲା ମାନେ ଯୋଗ ଦେଇଥିଲେ। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ମୁଖ୍ୟତଃ କନିଷ୍ଠ ସହକାରୀ ମାନଙ୍କର ପ୍ରବେଶିକା ଯୋଗ୍ୟତା ସ୍ନାତକ କରାଯାଇଥିବା ସ୍ଥଳେ ସେହି ଆଧାରରେ ସରକାର କନିଷ୍ଠ ସହକାରୀ ମାନଙ୍କର ଦରମା ପ୍ରଦାନରେ ପାତର ଅନ୍ତର ନୀତି, ରାଜ୍ୟ ମୁଖ୍ୟାଳୟରେ କାର୍ଯ୍ୟରତ ଅମଲା ମାନଙ୍କ ପ୍ରବେଶିକା ଗ୍ରେଡ ପେ ୪୨୦୦/- ହାରରେ ପ୍ରଦାନ କରୁଥିବା ସ୍ଥଳେ ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କ ପ୍ରବେଶିକା ଦରମା ୪୨୦୦/ - ଗ୍ରେଡ଼ ପେ କରିବା ନିମନ୍ତେ ଦାବି ଉପସ୍ଥାପନ କରାଯାଇଥିଲା। ସମାନ କାମ ପାଇଁ ସମାନ ଦରମା କହୁଥିବା ସରକାରଙ୍କ ଏଭଳି ପାତର ଅନ୍ତର ନୀତି ନେଇ ସମସ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ବାରମ୍ବାର ସରକାରଙ୍କ ନିକଟରେ ଦାବି କରିଥିଲେ ମଧ୍ୟ ଏ ନେଇ କିଛି ସୁଫଳ ପାଇନଥିବା ଯୋଗୁଁ ତା ୩୦.୧୦.୨୦୨୨ ରେ ରାଜ୍ୟ ଅମଲା ସଂଘ ର ଡାକରାରେ ଭୁବନେଶ୍ୱର ଜୟଦେବ ଭବନରେ ଥିବା ବିଶାଳ ସମାବେଶରେ ଯୋଗ ଦେବା ନିମନ୍ତେ ସମସ୍ତେ ନିଜ ନିଜର ମତବ୍ୟକ୍ତ କରିଥିଲେ। ଏଥିରେ କୋରାପୁଟ ଜିଲ୍ଲାରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀ, ବରିଷ୍ଠ ସହାୟକ ଓ କନିଷ୍ଠ ସହାୟକ, ସହାୟିକା, ବିଭାଗୀୟ ଅଧିକାରୀ, କୃଷି ବିଭାଗ ଜୟପୁର ଓ ବରିଷ୍ଠ ସହକାରୀ ଶିକ୍ଷା ବିଭାଗ ବୈପାରିଗୁଡା ପ୍ରମୋଦ କୁମାର ଭୂୟାଁ ଓ ଜଳସେଚନ ବିଭାଗ କନିଷ୍ଠ ସହକାରୀ ବୋରିଗୁମ୍ମା ଶ୍ରୀମତୀ ଲଳିତା ପଟ୍ଟନାୟକ, ତୃଣମୂଳ ସ୍ତରରୁ ସଂଘକୁ ସୁଦୃଢ କରିବା ନିମନ୍ତେ ଦିଗ୍ ଦର୍ଶନ ଦେଇଥିଲେ। ପରିଶେଷରେ ଶ୍ରୀ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# ୧୧୦ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ : ୫ ଗିରଫ

ମାଲକାନଗିରି, (ପି.ଏନ): ଚିତ୍ରକୋଣ୍ଡା ଥାନା କର୍ମଚାରୀମାନେ ଏସ ଆଇ ସର୍ବେଶ୍ୱର ଭୋଇଙ୍କ ନେତୃତ୍ୱରେ ଗତକାଲି ରାତ୍ରି ପାଟ୍ରୋଲିଂ, ଅବରୋଧ ଡ୍ୟୁଟି ଡାଏକ -୧, ମନ୍ଦୀପୁଟ, ଟନେଲ କ୍ୟାମ୍ପ ଏବଂ ସ୍କିଲବାଇର ମୁଖ୍ୟ ରାସ୍ତାରେ କରୁଥିଲେ। ରାତ୍ର ୨ ଟା ୫ ମିନିଟରେ ଗୋଟିଏ ହୋଣ୍ଡା ୟୁନିକର୍ଣ୍ଣ ଗାଡି ନମ୍ବର ଓଡି - ୧୦- ୪୩୨୨ ରେ ଦୁଇ ଜଣ ଯୁବକ ଆସୁଥିବା ଦେଖି ଅଟକାଇ ପଚରାଯିବାରୁ ସେମାନେ ପ୍ରକାଶ କରିଥିଲେ ଯେ, ପଛରେ ଏକ ଗଞ୍ଜାଇ ଭର୍ତି ମାରୁତି ସୁଜୁକି ଇକୋ ଗାଡି ଆସୁଛି ତାକୁ ବାଟ କଢେଇବା ପାଇଁ ଯାଉଛୁ। ପୋଲିସ ଟିମ ଉକ୍ତ ଦୁଇ ଯୁବକଙ୍କୁ ଅଟକ ରଖି ଗଞ୍ଜେଇ ଗାଡିକୁ ଧରିବା ପାଇଁ ସେଠାରେ ଜଗି ରହିଥିଲେ। ହଠାତ ଓଡି୩୦-ଡି ୪୭୫୫ ନମ୍ବର ବିଶିଷ୍ଟ ଏକ ମାରୁତି ସୁଜୁକି ଇକୋ ଗାଡି ଡ଼ାଇକ -୩ ପାର୍ଶ୍ୱରୁ ଆସିଥିଲା। ଗାଡିର ଡ୍ରାଇଭର ପୋଲିସ୍ ଟିମ୍ କୁ ଦେଖି ବାଟରେ ଗାଡି ଛାଡି ଡ୍ରାଇଭର ଏବଂ ଗାଡି ଭିତରେ ଥିବା ଅନ୍ୟ ଦୁଇଜଣ ବ୍ୟକ୍ତି ଜଙ୍ଗଲ ଆଡ଼କୁ ଧାଇଁ ପଳାଇ ଥିଲେ। କିନ୍ତୁ, ପୋଲିସ୍ ପାର୍ଟି ସେମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ସନ୍ଧାନ ସମୟରେ ସେମାନେ ଚାରିଟି ଜରି ପ୍ୟାକେଟରେ ୧୧୦ କେଜି ୬୦୦ ଗ୍ରାମ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ପଚରାଯିବାରୁ ସେମାନେ ପ୍ରକାଶ କରିଥିଲେ ଯେ, ସେମାନେ ଡ଼ାଇକ ୩ ପାର୍ଶ୍ୱରୁ ଗଞ୍ଜେଇ କିଣି ବିକ୍ରୟ ଉଦ୍ଦେଶ୍ୟରେ ଆନ୍ଧ୍ର ଅଂଚଳକୁ ପରିବହନ କରୁଥିଲେ । ପୋଲିସ ଗଞ୍ଜେଇ ଏବଂ ୨ ଟି ଗାଡି ସହ ଏହି ଚୋରା ଚାଲାଣରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରି ଚିତ୍ରକୋଣ୍ଡା ଥାନାକୁ ଆଣିଥିଲେ। ସେମାନଙ୍କ ଠାରୁ ୩୧ ହଜାର ୯୫୦ ଟଙ୍କା ଓ ୫ ଟି ମୋବାଇଲ ଜବତ ହୋଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବାଲିମେଳା ପାୱାର ହାଉସ କଲୋନୀର ଧାବୁ ପାଙ୍ଗି, ଦୈତାରୀ ପାଙ୍ଗି, ପ୍ରଶାନ୍ତ ପାଙ୍ଗି, ଲାଲୁ ନାଗ ଓ ଦାମୋଦର ଖରା। ଆଜି ସକାଳ ୧୦ଟା ୩୦ ମିନିଟ ସମୟରେ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଚିତ୍ରକୋଣ୍ଡା ଥାନା ଅଧିକାରୀ ଅନିଲ କୁମାର ପରିଡା ସୂଚନା ଦେଇଛନ୍ତି।

# ଅସହାୟ ପିଲାଙ୍କ ସହ ଦୀପାବଳି ପାଳିଲେ ପୋଲିସ

ଜୟପୁର, (ପି.ଏନ): ଅସହାୟ ପିଲାଙ୍କ ସହ ଦୀପାବଳି ପାଳିଲେ ପୋଲିସ । ଅସହାୟ ପିଲାଙ୍କ ମୁହଁରେ ହସ ଫୁଟାଇବା ପାଇଁ ଜୟପୁର ପୋଲିସର ଉଦ୍ୟମ । ଜୟପୁର ପାରାବେଡା ସ୍ଥିତ ଚିଲଡ୍ରେନ ହୋମରେ ପହଂଚି ବାପା ମାଆ ଛେଉଣ୍ଡ ପିଲାଙ୍କୁ ବାଣ ଓ ମିଠା ବାଂଟିଲେ ଜୟପୁର ଏସଡିପିଓ ଅରୂପ ଅଭିଷେକ ବେହେରା, ଟାଉନ ଥାନା ଅଧିକାରୀ ସମ୍ବିତ ବେହେରା, ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି ।ଏହି ସମୟରେ ପିଲାମାନେ ମଧ୍ୟ ଏଥିରେ ସାମିଲ ହୋଇ ଆଲୋକର ପର୍ବକୁ ପାଳନ କରନ୍ତୁ। ଏହି ଉଦ୍ଦେଶ୍ୟ ରଖି ଜୟପୁର ପୋଲିସ ଏହି ଉଦ୍ୟମ କରିଥିବା ବେଳେ ପୋଲିସର ଏପରି ଉଦ୍ୟମକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ଚିଲଡ୍ରେନ ହୋମ କର୍ତୃପକ୍ଷ ଓ ଅନ୍ତେବାସୀ। ପୋଲିସ ଶାସନ କରୁଥିଲେ ମଧ୍ୟ ମନ ଭିତରେ ରହିଛି ଅନେକ ଦୟା । ସେଇଥିପାଇଁ ତ ଆଜି ଏକ ସାଧାରଣ ପୋଷାକ ଓ ଅଲଗା ଚିନ୍ତାଧାରାରେ ଦେଖିବାକୁ ମିଳିଛି ପୋଲିସ ଅଧିକାରୀଙ୍କୁ। ବାରଣ୍ଡାରେ ବସିଥିବା ଏହି କୁନି କୁନି ପିଲା ମାନଙ୍କ ମଧ୍ୟରୁ କାହାର ବାପା ନାହିଁତ କାହାର ମାଆ ନାହାନ୍ତି ତ କାହାର ସମ୍ପର୍କ ପରିବାର ନାହିଁ । କିଏ କରୋନାରେ ମୃତ୍ୟୁବରଣ କରିଛି ତ କିଏ ଝାଡ଼ାବାନ୍ତିରେ । ବଂଚିବାର ରାହା ଖୋଜୁଥିବା ଅନାଥ ପିଲା ଉତ୍ସବର ମଜା ଜାଣିବେ କ'ଣ । ଦୁଃଖଭରା ଜୀବନ ବିତାଉଥିବା ଏହି ପିଲାଙ୍କୁ ଜୟପୁର ସ୍ଥିତ ଶିଶୁ ସୁରକ୍ଷା କେନ୍ଦ୍ରରେ ରଖାଯାଇଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି


ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କେନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ଋଙ୍ଫ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଠକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି। ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି। ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି। ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କର୍ଣ୍ଣିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଲିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି। ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ।




# ଆମ ପରିବେଶ, କୃଷି ଓ କୃଷକ

ସମଗ୍ର ଭାରତବର୍ଷରେ କୃଷି ଓ କୃଷକଙ୍କର ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏହି ସମସ୍ୟା ପ୍ରତିଦିନ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହେଉଛି। ଆଜି ଯେଉଁ ମରୁଡ଼ି ଦେଖାଦେଇଛି ତା' ମୂଳରେ ଆମ ପରିବେଶ ଦାୟୀ। ଆମେ ଅତି ଅମାନୁଷିକ ଭାବରେ ଜଙ୍ଗଲ କାଟିଚାଲୁଛୁ। ଯାହାଫଳରେ ଆମକୁ ଏ ଦଶା ଭୋଗିବାକୁ ପଡୁଛି। ସଠିକ୍ ବୃଷ୍ଟିପାତ ହେଉନାହିଁ। ସୂର୍ଯ୍ୟଙ୍କ ତେଜ ପ୍ରଖର ହେଉଛି। ସରକାରଙ୍କ ତରଫରୁ ପରିବେଶ ଉପରେ ଯେତେ ସଚେତନ କରାଗଲେ ମଧ୍ୟ ଏହାର ପ୍ରଭାବ ମାନବ ସମାଜ ଉପରେ ଆଦୌ ପଡୁନାହିଁ। ଭାଗବତ ବାଣୀ ଅନୁସାରେ- ***"ଆପଣା ହସ୍ତେ ଜିହ୍ୱାଚ୍ଛେଦି। କେ ତା'ର ଅଛି ପ୍ରତିବାଦୀ।।"***

ସମଗ୍ର ବିଶ୍ୱରେ ଯେଉଁ ବିଶ୍ୱତାପନ କଥାଟି ଚର୍ଚ୍ଚା ହେଉଛି ତାହା ଆମମାନଙ୍କ ପାଇଁ ତଥା ପ୍ରାଣୀସମାଜ ପାଇଁ ଏକ ବଡ଼ ଆହ୍ୱାନ। ଏହାକୁ କେତେଦୂର ପ୍ରାଣୀ ସମାଜ ଗ୍ରହଣ କରୁଛି ଓ ଏହାସହ ତାଳ ଦେଇ ନିଜକୁ ତିଷ୍ଠି ପାରୁଛି, ତାହା ଦେଖିବାର ବିଷୟ। ଚୀନ ଭଳି ବଡ଼ବଡ଼ ଦେଶର ସହରମାନଙ୍କରେ ପରିବେଶ ଏତେ ପ୍ରଦୂଷିତ ହୋଇଗଲା ଯେ କେତେଦିନ ପର୍ଯ୍ୟନ୍ତ ସ୍କୁଲ୍ କଲେଜ ବନ୍ଦ କରିବାକୁ ପଡ଼ିଲା। ଏଥିରୁ ମଧ୍ୟ ଆମ ରାଜଧାନୀ ଦିଲ୍ଲୀର ସମଅବସ୍ଥା ହୋଇଛି। ଏ ସବୁ କଥା ଭାବିଲେ ଏହି ମଣିଷ ସମାଜର ଅସ୍ତିତ୍ୱ କେତେଦୂର ତିଷ୍ଠିପାରୁଛି ତାହା ଦେଖିବାର କଥା। ଭାରତବର୍ଷର ଲୋକସଂଖ୍ୟା କେତେଦୂର ଗାଡ଼ି, ମଟର, କଳକାରଖାନା ଏତେ ପରିମାଣରେ ବୃଦ୍ଧି ପାଉଛି ଯାହାକି କିଛି ବର୍ଷ ମଧ୍ୟରେ ସମଗ୍ର ଭାରତରେ ଏଭଳି ଅବସ୍ଥା ସୃଷ୍ଟି ନହେବ କିଏ କହିବ!

ଅଦିନେ ବର୍ଷା, ଶୀତରେ ପ୍ରକୋପ ହ୍ରାସ, ସୂର୍ଯ୍ୟଙ୍କ ତେଜବୃଦ୍ଧି, ଅଦିନେ ଲଘୁଚାପ ଆଦି କାରଣ ପାଇଁ ଚାଷୀକୁଳ ଏବେ ଏକ ଆହ୍ୱାନର ସମ୍ମୁଖୀନ ହେଉଛି। ଏବେ ଆମେମାନେ ବଦଳୁଥିବା ଜଳବାୟୁ ସହିତ କିପରି ଖାପଖୁଆଇ ଚଳିବା, ତାହା ଆମମାନଙ୍କ ପାଇଁ ଏକ କଷ୍ଟ ସମସ୍ୟା। ପରିବେଶର ଏହି ପରିବର୍ତ୍ତନ ଯୋଗୁ ଅନେକ ନୂତନ ରୋଗ ସୃଷ୍ଟି ହେଉଛି। ଯାହାକୁ କି ବିଶେଷଜ୍ଞମାନେ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି। କର୍କଟ ଭଳି ମାରାତ୍ମକ ରୋଗ କବଳରେ କବଳିତ ଭାରତବାସୀ। ଆଉ କିଛିବର୍ଷ ପରେ ହୁଏତ ଆମ ଦେଶ ମଧୁମେହର ରାଜଧାନୀ ହେବାକୁ ଯାଉଛି। ଆମେ କୃଷିର ଅଧିକ ଅମଳ ଆଶାରେ ଅଧିକ ରାସାୟନିକ ସାର, କୀଟନାଶକ ଆଦି କୃଷିକାର୍ଯ୍ୟରେ ବ୍ୟବହାର କରୁଛେ, ଯାହାକି ଆମ ସ୍ୱାସ୍ଥ୍ୟପାଇଁ ଅନେକ ବିପଦ ସୃଷ୍ଟିକରୁଛି। ଗୋଟିଏ ପଟେ କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ପାଇଁ ଶସ୍ୟ ଅଧିକ ଅମଳ ଲାଗି ଏଭଳି ଉପାୟ ଅବଲମ୍ବନ କରୁଥାଇପାରୁ, ମାତ୍ର ପରୋକ୍ଷରେ ଆମ ସ୍ୱାସ୍ଥ୍ୟ ପାଇଁ ଅନେକଗୁଡ଼ିଏ ସମସ୍ୟା ସୃଷ୍ଟି କରିଚାଲିଛୁ।

ଅନ୍ୟପକ୍ଷରେ ଦେଖିବାକୁ ଗଲେ କୃଷକ ଆମ ଦେଶର ମେରୁଦଣ୍ଡ। ଯିଏକି ସମଗ୍ର ଦେଶକୁ ଖାଦ୍ୟ ଯୋଗାଉଛି। ସୈନିକଟି ଯେଭଳି ନିଜ ଜୀବନକୁ ବିପନ୍ନ କରି ଦେଶମାତୃକାର ଟେକ ରଖିବା ପାଇଁ କାର୍ଯ୍ୟ କରିଥାଏ, କୃଷକଟି ମଧ୍ୟ ଦେଶର କୃଷିର ଅଭିବୃଦ୍ଧି ପାଇଁ ଓ ଖାଦ୍ୟର ସ୍ୱାବଲମ୍ବୀ ପାଇଁ ଦେଶବିଦେଶରେ ସୁଖ୍ୟାତି ବଢ଼ାଇବା ପାଇଁ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଦେଶ ଗଠନରେ କୃଷକଟିର ଭୂମିକା ମଧ୍ୟ ଅନସ୍ୱୀକାର୍ଯ୍ୟ। ଏତିକି ପାର୍ଥକ୍ୟ ସୈନିକ ସରକାରଙ୍କ ଅଧିନରେ କେଇଟା ବର୍ଷ କାମକରି ବଞ୍ଚିଥିବା ଯାଏ ଭତ୍ତା ପାଏ । ମାତ୍ର କୃଷକଟି ଜୀବନସାରା ନିଜ ଜୀବନକୁ ପାଣି ଛଡ଼ାଇ କଠିନ ପରିଶ୍ରମ କରି ପରିଣତ ବୟସରେ ସରକାରଙ୍କ ପାଖରେ ସମାଜରେ ଏପରିକି ନିଜ ପରିଜନଙ୍କ ପାଖରେ ଅଲୋଡ଼ା ହୋଇପଡେ। ଦିନ ଥିଲା ଯେତେବେଳେ କୃଷିକୁ ଓ କୃଷକମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିଲା। ମାତ୍ର ସେ ସମୟ ଏବେ ବଦଳିଯାଇଛି। ଆଜି କୃଷକଟି କୃଷିକାର୍ଯ୍ୟ କରି ନିଜେ ସର୍ବସ୍ୱାନ୍ତ ହୋଇପଡୁଛି। ପରିବର୍ତ୍ତନଶୀଳ ଜଳବାୟୁ ସହିତ ଖାପ ଖୁଆଇ କୃଷିକାର୍ଯ୍ୟ ଠିକ୍ ଭାବରେ କରିପାରୁନାହିଁ। ଅଦିନ ମେଘ, ଅଦିନେ ଖରା ତାହା ପାଇଁ ଶତ୍ରୁରୂପେ ଉଭା ହେଉଛି। ଅଧିକ ଅମଳ ଓ ଲାଭ ଆଶାରେ ବିଭିନ୍ନ ସଂସ୍ଥାରୁ ଋଣ ନେଇ ସେ କୃଷିକାର୍ଯ୍ୟ କରୁଛି; ମାତ୍ର ସଠିକ୍ ଫସଲ ଅମଳ କରିନପାରି କ୍ଷତି ସହୁଛି। ଋଣଭାରରେ ଉବୁଟୁବୁ ହୋଇ ନିଜର ପ୍ରାଣ ବିସର୍ଜନ କରିବାକୁ ପଛାଉନାହିଁ। ଏବେ ନିକଟ ଅତୀତରେ କେତେ ଯେ କୃଷକ ଏଭଳି ପନ୍ଥାକୁ ଆପଣାଇ ନେଇଛନ୍ତି ତାହା ଗଣିବା କଷ୍ଟକର।

ଏହା ଦେଶପାଇଁ ଶୁଭଙ୍କର ନୁହେଁ। ଯଦି ଏଭଳି ଅବସ୍ଥା ଲାଗିରହେ କେହି ଜଣେହେଲେ କୃଷିକାର୍ଯ୍ୟ କରିବାକୁ ଆଗଭର ହେବେନାହିଁ। ଋଷ ଭଳି ଦଶା ଆମମାନଙ୍କୁ ଦିନେ ନା ଦିନେ ଭୋଗିବାକୁ ପଡ଼ିବ ଏଥିରେ ସନ୍ଦେହ ନାହିଁ। ସରକାର କୃଷିକୁ ଯେତେ ପ୍ରୋତ୍ସାହନ ଦେଉଛନ୍ତି ତା' ତୁଳନାରେ କୃଷକକୁ ସେତିକି ପ୍ରୋତ୍ସାହନ ମିଳୁନାହିଁ। ଭଗବାନ କରନ୍ତୁ ସରକାରଙ୍କ ସଦ୍‌ବୁଦ୍ଧି ଉଦୟ ହେଉ। କୃଷକକୁ ସମାଜରେ ଉପଯୁକ୍ତ ମର୍ଯ୍ୟାଦା ମିଳୁ। ପରିବର୍ତ୍ତିତ ଜଳବାୟୁ ସହିତ ଖାପଖୁଆଇ କୃଷକଟି ଯେଭଳି କୃଷିକାର୍ଯ୍ୟ କରିପାରିବ, ସେଥିନିମନ୍ତେ କିଭଳି ଓ କେଉଁପ୍ରକାର କୃଷି କରିବ, ସେଥିନିମନ୍ତେ ସରକାର ସେମାନଙ୍କୁ ସଚେତନ ବା ତାଲିମ୍ ଦେବା ବିଧେୟ। ଯଦ୍ୱାରା ଦେଶ ଖାଦ୍ୟଶସ୍ୟ ଉପରେ ଆତ୍ମନିର୍ଭରଶୀଳ ହେବା ସହିତ କୃଷକମାନଙ୍କର ମଙ୍ଗଳ ସାଧିତ ହେବ।

**——ହୃଷିକେଶ ମହାରଣା**, ନୁର୍ତ୍ତାଙ୍ଗ, କୁଆଁପାଳ, କଟକ- ୭୫୪୨୦୪,
ମୋ-୯୪୩୮୫୧୨୫୧୭

## ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁ ଜୟନ୍ତୀ ପାଳନ



ଯାଜପୁର (ପିଏନ୍): ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଯାଜପୁର ତଥା ଓଡ଼ିଶାର ବରେଣ୍ୟ କବିମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ ଜୟନ୍ତୀ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଉପସଭାପତି ବିଭୂତିଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୦ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜୟନ୍ତୀ ଉତ୍ସବରେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଧୂପ, ଦୀପ, ପ୍ରଜ୍ୱଳନ କରିବା ସହିତ ବସୁଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଂଗଠନ ସମ୍ପାଦକ ହୃଷିକେଶ ପତି ସ୍ତୋତ୍ର ପାଠ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବସୁଙ୍କର ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଦଶରଥ ସାମଲ ଯୋଗଦେଇ ବସୁ ସାହିତ୍ୟ ଓ ତାଙ୍କ ଲିଖିତ ୩୬ ଗୋଟି ପୁସ୍ତକର ବିଭିନ୍ନ ଦିଗରୁ ଗବେଷଣାତ୍ମକ ପର୍ଯ୍ୟାଲୋଚନା କରିଥିଲେ। ସଂପାଦକ ଡ. କାହ୍ନୁଚରଣ ମିଶ୍ର ବିବରଣୀ ପାଠ କରିବା ସହିତ ବସୁଙ୍କ କବିତାର ମାର୍ମିକ ଛନ୍ଦ ଆବୃତ୍ତି କରିଥିଲେ। ଅଧିକାରୀ ନବକିଶୋର ଦାସ, ପ୍ରାକ୍ତନ ଜୀବନବୀମା ଅଧିକାରୀ ସୁବାସ ମହାପାତ୍ର, ଅନ୍ୱେଷଣ ସଭାପତି ବୃନ୍ଦାବନ ମିଶ୍ର, ସଂପାଦକ ଅଭିମନ୍ୟୁ ମିଶ୍ର, ସୁକାନ୍ତ ନାୟକ, ବୃନ୍ଦାବନ ସ୍ୱାଇଁ ପ୍ରମୁଖ ସାହିତ୍ୟ ସଂପର୍କରେ ଆଲୋଚନା କରିଥିଲେ। ସାଂସ୍କୃତିକ ସଂପାଦକ ପାଣ୍ଡବ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

# ରୋଗୀ, ରୋଗ ଏବଂ ଚିକିତ୍ସକ



ଶାରୀରିକ, ମାନସିକ, ସାମାଜିକ ଏବଂ ସାଂସ୍କୃତିକ ସୁସ୍ଥ ଠିକ୍ ଥିଲେ, ଜଣେ ବ୍ୟକ୍ତି ନିରୋଗ ଅଛି ବୋଲି ବୁଝିବାକୁ ହେବ। ଅର୍ଥାତ୍ ସେ ଜଣେ ସାଧାରଣ ଭାବେ ସୁସ୍ଥ ବ୍ୟକ୍ତି। ଏହାର ବ୍ୟତିକ୍ରମ ହିଁ ଜଣକୁ ରୋଗୀ ବନାଇଥାଏ। ଶରୀର ଆବଶ୍ୟକ କରୁଥିବା ଖାଦ୍ୟ, ପାନୀୟ, ବିଶ୍ରାମ ଏବଂ ପରିବେଶୀୟ ସନ୍ତୁଳନର ବ୍ୟତିକ୍ରମ ହେଲେ, ଆମଠି ରୋଗ ସୃଷ୍ଟି ହୁଏ। ରୋଗକୁ ସାଧାରଣ ଭାବେ ଆମେ ଦୁଇଭାଗରେ ବିଭକ୍ତ କରିବୁ। ଯଥା- ସଂକ୍ରମିତ ଏବଂ ଅସଂକ୍ରମିତ ରୋଗ। ରୋଗ ହେଲେ ରୋଗୀ ପାଇଁ ଚିକିତ୍ସାର ଆବଶ୍ୟକତା ରହିଛି। ଚିକିତ୍ସାର ଅର୍ଥ ଔଷଧ ପ୍ରୟୋଗ କି ଅସ୍ତ୍ରୋପଚାର ଏବଂ ତଦ୍‌ଜନିତ ସେବାକୁ ବୁଝାଏ। ଚିକିତ୍ସାର ଅବହେଳାରେ ଅଚିନ୍ତନୀୟ ଅବସ୍ଥା ଘଟିପାରେ।

ଜନସାଧାରଣଙ୍କର ସେବା ପାଇଁ ସରକାରଙ୍କ ତରଫରୁ ଗ୍ରାମାଂଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବା ଗୋଷ୍ଠୀକେନ୍ଦ୍ରମାନ ସ୍ଥାପନ ହୋଇଛି। ଜିଲ୍ଲାର ସଦର ମହକୁମାମାନଙ୍କରେ ବଡ଼ ଡାକ୍ତରଖାନା ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟମାନ ଖୋଲାଯାଇଛି। ଦୁଃଖ ଯେ ଏସବୁ ସତ୍ତ୍ୱେ ବିଭାଗୀୟ ଡାକ୍ତରମାନଙ୍କ ଅଭାବ ରହିଛି। କେହି ନିଜ ସୁବିଧା ଦେଖି ଆସନ୍ତି ବା ଯାଆନ୍ତି। ଏପରିସ୍ଥଳେ ଅଭାବୀ ରୋଗୀଟି ବାଧ୍ୟ ହୋଇ ଘରୋଇ ଚିକିତ୍ସାଳୟ ଧାଆଁନ୍ତି ଏବଂ ସେଠାରେ ଭୟଙ୍କର ଭାବେ ଶୋଷିତ ହୁଅନ୍ତି। କଥାରେ କୁହନ୍ତି: ରୋଗୀ ମଲେ ବା ବଂଚିଲେ ଡାକ୍ତରର ଯାଏ ଆସେ ନାହିଁ। ତାର ମାହାସୁଲ ଦରକାର।

ପଇସାବାଲା ଏବଂ ବଡ଼ବଡ଼ିଆ ପାଇଁ ଚିନ୍ତା ନାହିଁ। ସେମାନେ ପଇସା ବା ନିଜର ପ୍ରତିପତି ବଳରେ ସାରା ଦୁନିଆକୁ ଆପଣେଇପାରିବେ। ଅବଶ୍ୟ ରୋଗ ନେଇ ରୋଗୀର ବଂଚିବା ମରିବା ନିର୍ଭର କରେ। ସାଧାରଣ ବ୍ୟକ୍ତିଟିଏ ପାଇଁ ଏବେ ଚିକିତ୍ସା ଅପହଂଚ। ଔଷଧର ଦାମ ଏତେ ବଢ଼ିଛି ଯେ ସେ ତାର ସର୍ବସ୍ୱ ସାରିବି ବଂଚିପାରୁନାହିଁ। ଔଷଧ କଂପାନୀମାନଙ୍କ ପ୍ରତି ସରକାରଙ୍କର କୌଣସି ଲଗାମ ନାହିଁ। ସେମାନେ ମନଇଚ୍ଛା ଔଷଧ ଦାମ୍ ବଢ଼ାଇଥାଆନ୍ତି । ଏମିତିକି ଅଳ୍ପ ସମୟ ବ୍ୟବଧାନରେ ଔଷଧର ଦାମ୍ ଦୁଇଗୁଣ ହେବାର ନଜିର ଅଛି।


ଡାକ୍ତରଖାନାରେ ଔଷଧ ଅଛି, ସେଗୁଡ଼ିକର ବ୍ୟାବହାରିକ ସମୟ ସୀମା ରହି ରହି ନୂଆ ପୁରୁଣା କାରଣରୁ ଫିଙ୍ଗା ଯାଉଛି । ଅଥଚ ରୋଗୀକୁ ଔଷଧ କିଣିବା ପାଇଁ ପାଖ ଦୋକାନକୁ ପଠାଇ ଦିଆଯାଇଛି। ଏଠାରେ ଡାକ୍ତର ଓ ଦୋକାନୀମାନଙ୍କର ମଧୁଚନ୍ଦ୍ରିକା ବା ଅସାଧୁ ମେଂଟ ଚାଲିଛି। ସେହିପରି ଡାକ୍ତରଖାନାରେ ପାଥୋଲୋଜି ବ୍ୟବସ୍ଥା ଥିଲେ ବି, ସାମ୍ନା ଦୋକାନକୁ ପଠାଇ ଦିଆଯାଇଛି। ଡାକ୍ତର ଯେମିତି ଅଧିକା ଦାମିକା ଔଷଧ ଲେଖିବେ, ସେତିକି ଡ୍ରଗିଷ୍ଟର ଲାଭ, କଂପାନୀର ଲାଭ ଏବଂ ଡାକ୍ତରଙ୍କ ପ୍ରତିଶତ ଲାଭ ସେତିକି। ଏବେ ଡାକ୍ତରଖାନାମାନଙ୍କରେ ଦଲାଲି କାରବାର। ସରକାରୀ ଡାକ୍ତରଖାନାର ଡାକ୍ତର ରୋଗୀକୁ ପଠାଇଦେଉଛନ୍ତି କୋଉ ନର୍ସିଂହୋମ୍‌କୁ। ନଚେତ୍ ତାଙ୍କ କ୍ଲିନିକ୍‌କୁ ଯିବାକୁ ପରାମର୍ଶ ଦେଉଛନ୍ତି। ସାଧାରଣ ରୋଗୀକୁ ଘରୋଇ ଡାକ୍ତରଖାନାମାନଙ୍କରେ ଜବରଦସ୍ତ ବେଡ୍ ବା ଆଇସିୟୁରେ ଭର୍ତ୍ତି କରାଯାଉଛି। ତାକୁ ଶୋଷଣ କରାଯାଉଛି। ବଡ଼ ବଡ଼ ସହରରେ ଗଢ଼ି ଉଠିଥିବା ଘରୋଇ ଡାକ୍ତରଖାନାମାନଙ୍କଙ୍କରେ ଏହା ଏକ ନିତିଦିନିଆ ଘଟଣା। ଏମିତି ଅନେକ ଗରିବ ଲୋକ ପୂର୍ଣ୍ଣ ଆରୋଗ୍ୟ ହେବା ପୂର୍ବରୁ ସର୍ବସ୍ୱାନ୍ତ ହୋଇ ଘରକୁ ଫେରୁଛନ୍ତି। କାହା ପାଇଁ ବି 'ରାମନାମ ସତ୍ୟହେ' ସତ୍ୟ ହେଉଛି। ଏଗୁଡ଼ାକ ସବୁ ଅଙ୍ଗେଲିଭା କଥା। ଏମାନେ ଏମିତି ଏକ ଯମାଳୟ ସାଜିଛନ୍ତି ଯେ ଥରେ ଘରେ ଟିଙ୍କ ଲାଖେ ଝୁଣିକି ରକ୍ତ ଶୋଷି ନେବେ। କବିର ଭାଷାରେ- ଶାଗୁଣା, ଶୃଗାଳ ଡାକ୍ତର ହେଲେକି ମଡ଼ା ଦେହେ ଥିବ ପ୍ରାଣ...। ମୋଟ ଉପରେ କହିବାକୁ ଗଲେ ପଇସା ନାହିଁ ତ, କେହି ଶୁଣିବାର ନାହିଁ ।

ସାଧାରଣ ଲୋକଙ୍କୁ ଏସବୁ ଦୌରାତ୍ମ୍ୟରୁ ରକ୍ଷା କରିବା ନିମନ୍ତେ ଇଣ୍ଡିଆନ୍ ମେଡିକାଲ କାଉନ୍‌ସିଲ (ଏମ୍‌ସିଆଇ) ଏକ ନୂଆ ପଦକ୍ଷେପ ନେଇଛନ୍ତି। ସେ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ରୋଗୀକୁ ଶସ୍ତାରେ ମେଡିସିନ୍ ଦେବା ପାଇଁ ପ୍ରେସ୍‌କ୍ରିପ୍‌ସନ୍‌ରେ ଜେନେରିକ୍ ମେଡିସିନ୍ ଲେଖନ୍ତୁ। ଡାକ୍ତରମାନେ ଯେପରି ଏହାକୁ କଡ଼ାକଡ଼ି ଭାବେ ପାଳନ କରିବେ, ସେ ନେଇ ଏମ୍‌ସିଆଇ ସବୁ ମେଡିକାଲ କଲେଜ ଏବଂ ରାଜ୍ୟ ମେଡିକାଲ୍ କାଉନ୍‌ସିଲକୁ ଚିଠି ଲେଖି ଜଣାଇଛନ୍ତି। ଦେଶର ସମସ୍ତ ମେଡିକାଲ କଲେଜ ଏବଂ ରାଜ୍ୟର ମେଡିକାଲ୍ କାଉନ୍‌ସିଲ ଏହି ବ୍ୟବସ୍ଥାକୁ ଯେମିତି ଲାଗୁ କରିବେ ତାହା ବି ବାଧ୍ୟ କରିଛନ୍ତି। ଖିଲାଫକାରୀଙ୍କୁ ଦଣ୍ଡଦେବାର ମଧ୍ୟ ବ୍ୟବସ୍ଥା ରଖିଛନ୍ତି ।

ଏହି ଜେନେରିକ୍ ମେଡିସିନ୍ ଦାମ୍ ବହୁତ କମ୍। ଏଣୁ ଡାକ୍ତରମାନେ ଏହିପରି ଜେନେରିକ୍ ଔଷଧର ପ୍ରେସ୍‌କ୍ରିପ୍‌ସନ୍ ଦେଲେ, ରୋଗୀମାନେ ଉପକୃତ ହୋଇପାରିବେ। ଏଥିପାଇଁ ସରକାର ମେଡିକାଲ କଲେଜ, ଶିଶୁଭବନ ଏବଂ କ୍ୟାପିଟାଲ ହସ୍‌ପିଟାଲମାନଙ୍କରେ ଷ୍ଟୋରମାନ ରଖିଛନ୍ତି। ଜନଔଷଧୀ ମାଧ୍ୟମରେ ମଧ୍ୟ ଏହି ଜେନେରିକ୍ ଔଷଧ ଦେବାର ବ୍ୟବସ୍ଥା ଅଛି । ଏ ପ୍ରକାର ବ୍ୟବସ୍ଥାରେ ଅନ୍ତତଃ ଔଷଧ କଂପାନୀମାନଙ୍କ ଦାଉରୁ ମଧ୍ୟ ମୁକ୍ତି ମିଳିପାରିବ। ସରକାରଙ୍କର ଏ ପ୍ରକାର ପଦକ୍ଷେପକୁ ସ୍ୱାଗତ କରାଯାଇପାରେ। ତେବେ ଏହା କେତେଦୂର କାର୍ଯ୍ୟକାରୀ ହୋଇପାରୁଛି ଏବଂ ଖିଲାଫକାରୀଙ୍କୁ କି ପ୍ରକାର ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉଛି, କେବଳ ତାହାକୁ ଅପେକ୍ଷା କରିବାର ଅଛି ।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ମୋ-୯୯୩୮୩୪୪୧୩୮

# ୧୩୨ ବର୍ଷ ମଧ୍ୟରେ ଓଡିଶା ସମ୍ମୁଖୀନ ହୋଇଛି ୧୦୭ଟି ସାମୁଦ୍ରିକ ଝଡବାତ୍ୟା




ଭୁବନେଶ୍ୱର (ପିଏନ୍)-ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ୧୩୧ ବର୍ଷ ମଧ୍ୟରେ ଓଡିଶାରେ ୧୦୭ଥର ସାମୁଦ୍ରିକ ଝଡବାତ୍ୟା ହୋଇଥିବା ସୂଚନା ମିଳିଛି । ସେଥି ମଧ୍ୟରୁ ୨୦୧୪ ମସିହା ଅକ୍ଟୋବର ୧୦ତାରିଖରେ ସଙ୍ଗଠିତ ହୋଇଥିବା ସାମୁଦ୍ରିକ ଝଡ "ହୁଡ୍ ହୁଡ୍" ଥିଲା ଓଡିଶାର ୧୦୦ତମ ସାମୁଦ୍ରିକ ଝଡବାତ୍ୟା । ଏହାପରେ ୨୦୧୬ମସିହା ଅକ୍ଟୋବର ମାସ ୨୫ତାରିଖରେ 'କ୍ୟାଣ୍ଟ', ୨୦୧୮ମସିହା ସେପ୍ଟେମ୍ବର ମାସ ୨୧ତାରିଖରେ 'ଡାଏ' ଓ ଅକ୍ଟୋବର ୧୧ତାରିଖରେ 'ତିତଲି', ୨୦୧୯ମସିହା ମେ ମାସରେ 'ଫନିର', ନଭେମ୍ବର ମାସରେ ବୁଲ୍‌ବୁଲ ଓ ୨୦୨୦ ମସିହା ମେ ମାସରେ 'ଅମ୍ଫାନ' ୨୦୨୧ମସିହା ମେ ମାସ ୨୬ ତାରିଖରେ 'ୟସ୍' ନାମକ ସାମୁଦ୍ରିକ ଝଡ ବ୍ୟାପକ କ୍ଷୟକ୍ଷତି କରିଥିବା ବେଳେ ଚଳିତ ବର୍ଷ ସାମୁଦ୍ରିକ ଝଡ 'ସିତ୍ରଙ୍ଗ'ରୁ ବର୍ତ୍ତି ଯାଇଛି । ଓଡିଶା ପରି ଭାରତର ପୂର୍ବ ଉପକୂଳରେ ଅନେକ ରାଜ୍ୟ ଥିଲେ ବି ସାମୁଦ୍ରିକ ଝଡବାତ୍ୟା ସଂଖ୍ୟା ତାଲିକାରେ ସେସବୁ ରାଜ୍ୟ ବହୁ ପଛରେ। ଭାରତୀୟ ପାଣି ପାଗ ବିଭାଗ ଅନୁଯାୟୀ ୧୮୯୧ରୁ ୨୦୨୨ ମସିହା ମଧ୍ୟରେ ଓଡିଶା ଉପୂଳରେ ୧୦୭ଥର ବାତ୍ୟା ହୋଇଛି । ଏହି ୧୩୨ ବର୍ଷର ଅବଧୀ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ୮୫ଥର, ପଶ୍ଚିମବଙ୍ଗରେ ୭୩ଥର ଏବଂ ପୂର୍ବ ଭାରତର ଅନ୍ୟତମ ଉପକୂଳ ରାଜ୍ୟ ତାମିଲନାଡୁ ୬୬ଥର ସାମୁଦ୍ରିକ ଝଡବାତ୍ୟାର ସମ୍ମୁଖୀନ ହୋଇଥିବା ବେଳେ ଆମରାଜ୍ୟ ୧୦୭ଥର ସାମୁଦ୍ରିକ ଝଡ ବାତ୍ୟାରେ ସମ୍ମୁଖୀନ ହୋଇଛି। ଓଡିଶାରେ ସାଧାରଣତଃ ପ୍ରାକ୍ ମୌସୁମୀ ଓ ମୌସୁମୀ ପରବର୍ତ୍ତୀ ସମୟରେ ବାତ୍ୟା ହୋଇଥାଏ। ପ୍ରାକ୍ ମୌସୁମୀ ସମୟ ହେଉଛି ଏପ୍ରେଲରୁ ଜୁନ ଓ ମୌସୁମୀ ପରବର୍ତ୍ତି ସମୟ ହେଉଛି ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ । ଏହି ସମୟ ମଧ୍ୟରେ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପ ଅବପାତର ରପ ନେଇ ସାମୁଦ୍ରିକ ଝଡ ପରିଣତ ହୋଇ ସ୍ଥଳଭାଗ ଆଡକୁ ମାଡିଆସିଥାଏ । ଏଠାରେ ସୂଚନା ଥାଉକି ଭାରତ ଆମେରିକା ବଜ୍ଞାନ ଓ ପ୍ରଯୁକ୍ତି ଫୋରମ ପକ୍ଷରୁ ପ୍ରକାଶ କରାଯାଇଥିବା ଏକ ରିପୋର୍ଟ ଅନୁଯାୟୀ ୧୮୯୧ରୁ ୨୦୨୨ ମସିହା ମଧ୍ୟରେ ଓଡିଶା ୧୦୭ଥର ବାତ୍ୟା ବିପର୍ଯ୍ୟର ସମ୍ମୁଖୀନ ହୋଇଥିବା ପ୍ରକାଶ କରାଯାଇଛି । ବିଗତ ଏହି୧୩୨ ବର୍ଷ ଭିତରେ ବଙ୍ଗୋପସାଗର ମଧ୍ୟରେ ୬୩୦ଥର ଲଘୁଚାପ ପ୍ରଭାବରେ ସାମୁଦ୍ରିକ ଝଡବାତ୍ୟାରେ ସଂଘଠିତ ହୋଇଥିବା ବେଳେ ଏଥିରୁ ୫୪ ପ୍ରତିଶତ ବା ୩୩୫ଥର ବାତ୍ୟା ଭାରତର ଉପକୂଳ ବର୍ତ୍ତି ଅଞ୍ଚଳକୁ ଆଘାତ ଦେଇଥିବା ବେଳେ ୧୬ ପ୍ରତିଶତ ବା ୯୮ ଥର ବାତ୍ୟା ବାଂଲାଦେଶକୁ ଧକ୍କା ଦେଇଛି । ଏଥିରୁ ସହଜରେ ଅନୁମେୟ ହେଉଛି ଯେ ବଙ୍ଗୋପସାଗର ହେଉଛି ବାତ୍ୟାର ଏନ୍ତୁଡିଶାଳ। ଏହି ରିପୋର୍ଟ ଅନୁଯାୟୀ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ସାମୁଦ୍ରିକ ଝଡବାତ୍ୟା ସ୍ଥଳଭାଗରେ ବ୍ୟାପକ ଧନଜୀବନ କ୍ଷୟକ୍ଷତି ଘଟାଉଥିବାବେଳେ ଏହାର ସ୍ଥିତି କ୍ରମଶଃ ଗମ୍ଭିର ହେବାରେ ଲାଗିଛି । ଗତ କିଛିବର୍ଷ ଭିତରେ ବଙ୍ଗୋପସାଗରରେ ସଂଘଟିତ ହୋଇଥିବା ସମସ୍ତ ବାତ୍ୟା ମଧ୍ୟରୁ ୪୬ ପ୍ରତିଶତ ବାତ୍ୟା ବା ସାମୁଦ୍ରିକ ଝଡ ଭୟଙ୍କର ରୁପ ନେଇ ସ୍ଥଳଭାଗରେ ବ୍ୟାପକ କ୍ଷୟକ୍ଷତି କରିଛି ।



## ଦେଓମାଳି ପର୍ବତ ଶୃଙ୍ଗରେ କବି ସୁନୀଲ ମିଶ୍ରଙ୍କ 'ଶବ୍ଦ ଯେ ଅମୃତ' ପୁସ୍ତକ ଉନ୍ମୋଚିତ

ବାଙ୍କୀ/କଟକ/ଭୁବନେଶ୍ୱର (ପିଏନ୍): ଓଡ଼ିଶା ସୀମା ସୁରକ୍ଷା ଅଭିଯାନର 'ଚାଲ ଦେଓମାଳି, ଚାଲ କୋଟିଆ' ଅଭିଯାନରେ ସାମିଲ ହୋଇଥିବା ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି ତଥା ସୁ-ସାହିତ୍ୟିକ, ଶିକ୍ଷକ ସୁନୀଲ କୁମାର ମିଶ୍ରଙ୍କ ପୁସ୍ତକ 'ଶବ୍ଦ ଯେ ଅମୃତ' ରାଜ୍ୟର ଉଚ୍ଚତମ ଶୃଙ୍ଗ ଦେଓମାଳି ପାହାଡ଼ ଉପରେ ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ସୀମା ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ବିଶିଷ୍ଟ ଗାନ୍ଧୀବାଦୀ ସର୍ବୋଦୟ ନେତା, କବି ତଥା ଶିକ୍ଷାବିତ୍ କୃଷ୍ଣ ସିଂହଙ୍କ ଦ୍ୱାରା ଉକ୍ତ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। 'ଅ'ଠାରୁ 'କ୍ଷ' ଅକ୍ଷର କ୍ରମେ ବର୍ଣ୍ଣମାଳା ଭିତ୍ତିରେ ଏକ ହଜାର ଏକ ସାରସ୍ୱତ ବାଣୀର ଏକତ୍ର ସଂକଳନ ଉକ୍ତ ପୁସ୍ତକକୁ କଟକର ଶକ୍ତି ପବ୍ଲିଶର୍ସ ପ୍ରକାଶନ କରିଛନ୍ତି। ଉକ୍ତ ସାଂସ୍କୃତିକ ସ୍ୱାଭିମାନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀ, କୋରାପୁଟର ପ୍ରାକ୍ତନ ଜିଲ୍ଲାପାଳ ଗଦାଧର ପରିଜା, ଉତ୍କଳ ନ୍ୟାସୀ ମଣ୍ଡଳର ସଭାପତି ସୀତାବଲ୍ଲଭ ମହାପାତ୍ର, ଓଡ଼ିଶା ଜନ ଅଧିକାର ପରିଷଦ ସଭାପତି ବିଜୟ ପରିଡ଼ା, ଭାଷା ଆନ୍ଦୋଳନର ନେତା ମୂରଲୀଧର ଭାଷ୍ୟମ୍ ଯୋଗ ଦେଇଥିଲେ। ସଭାପତି ଶ୍ରୀଯୁକ୍ତ ଶତପଥୀ କବି ସୁନୀଲ ମିଶ୍ରଙ୍କ ଦେଶପ୍ରେମ, ପୂଜ୍ୟପୂଜା ପ୍ରାଣ, ସାରସ୍ୱତ ସୃଷ୍ଟିକୁ ପ୍ରଶଂସା କରି କୋଟିଆ ଚାଲ ଅଭିଯାନରେ କବିଙ୍କ ଯୋଗଦାନକୁ ସାଂସ୍କୃତିକ ପ୍ରେରଣା ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଉକ୍ତ ସାଂସ୍କୃତିକ ଓ ସୀମା ସୁରକ୍ଷା ଅଭିଯାନରେ ବାଙ୍କୀରୁ କବି କୌଶିକ ନାୟକ, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରତ୍ନତତ୍ତ୍ୱ ଗବେଷକ ରବୀନ୍ଦ୍ର କୁମାର ରଣା, ଅଧ୍ୟାପକ ସୀତାକାନ୍ତ ପାଣିଗ୍ରାହୀ, ସାମାଜିକ କର୍ମୀ ଧନେଶ୍ୱର ବଳିୟାର ସିଂହ, ଆଇନଜୀବୀ ରଣଜିତ ତ୍ରିପାଠୀ, କବି କାମଦେବ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ବାଲେଶ୍ୱରରେ ୟୁନିୟନ ବ୍ୟାଙ୍କର ସଚେତନତା ପଦଯାତ୍ରା



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ୟୁନିୟନ ବ୍ୟାଙ୍କ ମୁଖ୍ୟ ଶାଖାଠାରୁ ଆରମ୍ଭ କରି ଫକୀରମୋହନ ଗୋଲେଇ ଦେଇ ଆଇ.ଟି.ଆଇ ଛକ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା ବାଲେଶ୍ୱର ୟୁନିୟନ ବ୍ୟାଙ୍କ ତରଫରୁ ଆୟୋଜନ କରାଯାଇଥିଲା। ଏହି ସଚେତନା ପଦଯାତ୍ରା ଭିଜିଲାନ୍ସ ଆୱାରନେସ୍ ଏବଂ ସଚୋଟ ନାଗରିକ ବିକଶିତ ରାଷ୍ଟ୍ରର ନିର୍ମାଣ କରିବା ଉଦ୍ଦେଶ୍ୟରେ ଦୁର୍ନୀତିମୁକ୍ତ ଭାରତ ଏବଂ ବିକଶିତ ଭାରତ ଗଢ଼ିବା ପାଇଁ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ୟୁନିୟନ ବ୍ୟାଙ୍କ ମୁଖ୍ୟ ନିରଞ୍ଜନ ବାରିକ, ଉପମୁଖ୍ୟ ଗଜେନ୍ଦ୍ର ଦାସ, ମୁଖ୍ୟ ପ୍ରବନ୍ଧକ ଜୀବନଜ୍ୟୋତି ବେହେରା, ସଚେତକ ବିରଂଚି ମହାନ୍ତି, ମେଘନା ମାରାଣ୍ଡି ଓ ସମସ୍ତ ଲୋକାଲ ସଦସ୍ୟ ଉପସ୍ଥିତ ଥିଲେ।

**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବ୍ରାହ୍ମଣୀ ନଦୀ ପାଇଁ କାଳ ସାଜିଛି ଖଣି, କଳକାରଖାନାର ପ୍ରଦୁଷଣ : ଏଥିଲାଗି ଜନସ୍ୱାର୍ଥ ମାମଲା ନେଇ ଚିନ୍ତା କରାଯିବ- ପ୍ରଫୁଲ୍ଲ ସାମନ୍ତରା

ରାଉରକେଲା, (ପି.ଏନ): ସୁନ୍ଦରଗଡ ଜିଲ୍ଲାରେ ଥିବା ଖଣି କଳକାରଖାନାର ପ୍ରଦୁଷଣ ମାତ୍ରା ବଢୁଛି, ଏଥିଲାଗି ଉଭୟ ବାୟୁ ପ୍ରଦୁଷଣ ସହ ନଦୀ ଜଳ ମଧ ପ୍ରଦୁଷିତ ହେଉଛି। ଏହାର ପ୍ରଭାବରେ ପବିତ୍ର ବ୍ରାହ୍ମଣୀ ଜଳ ଅଧିକରୁ ଅଧିକ ପ୍ରଦୁଷିତ ହେଉଛି ବୋଲି ସମାଜସେବୀ ପ୍ରଫୁଲ୍ଲ ସାମନ୍ତରା ଆଜି ରାଉରକେଲା ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିବା ସହ ନଦୀ ଜଳର ପ୍ରଦୁଷଣ ଓ କଳକାରଖାନାର ପ୍ରଦୁଷଣକୁ ରୋକିବା ଲାଗି କଠୋର ଆଇନ ପ୍ରଣୟନ କରାଯିବାର ଆବଶ୍ୟକତା ରହିଛି ବୋଲି ଦାବି କରିଛନ୍ତି। ସରକାର ଏ ଦିଗରେ ସଠିକ୍ ପଦକ୍ଷେପ ନନେଲେ ଜନସ୍ୱାର୍ଥ ମାମଲା ଲାଗି ଚିନ୍ତା କରାଯିବ ବୋଲି ସେଂଟର ଫର କ୍ଲାଇମେଟିକ ଜଷ୍ଟିସ ର ମୁଖ୍ୟ, ଲୋକ ଶକ୍ତି ଅଭିଯାନର ସଭାପତି ନଦୀ ସୁରକ୍ଷା ଅଭିଯାନ ସଂଗଠନ ସହ ମିଶି ଶ୍ରୀ ସାମନ୍ତରା ଜିଲ୍ଲା ଗସ୍ତରେ ଆସି ଏହା କହିଛନ୍ତି । ଜିଲ୍ଲାର ପ୍ରଦୁଷଣ ମାତ୍ରା ଉପରେ ଅନୁଧ୍ୟାନ କରି ସେ କହିଛନ୍ତି ଯେ, ଦ୍ୱିତୀୟ ବୃହତମ ନଦୀ ବ୍ରାହ୍ମଣୀ ଆଜି ସମ୍ପୂର୍ଣ ପ୍ରଦୁଷିତ ହୋଇସାରିଛି । ସୁନ୍ଦରଗଡ ଜିଲ୍ଲାର ବଣେଇ, କୋଇଡା, ରାଉରକେଲା ଠାରୁ ଆରମ୍ଭ କରି କଳିଙ୍ଗନଗର ଯାଏ ଅତ୍ୟଧିକ ଖଣି ଖନନ ଓ ଶିଳ୍ପାନୁଷ୍ଠାନ, ସହର ଗୁଡିକର ଅବର୍ଜନା ଏହି ନଦୀକୁ ଅଧିକରୁ ଅଧିକ ପ୍ରଦୁଷିତ କରି ସାଂଘାତିକ ସ୍ଥିତିକୁ ନେଇଯାଇଛି । ବ୍ରାହ୍ମଣୀ ନଦୀରେ ମିଶିଛି କୋଏଲ ନଦୀ, ଏହି ନଦୀ ସହ ସମ୍ପର୍କ ରହିଛି ଟେନ୍ସା ଅଂଚଳର କାରୋ ନାଳର । ଏହି ନାଳ ସେ ଅଂଚଳରୁ ବାହାରୁ ଥିବା ପାଣି ଉପରେ ଅନେକ ଅଧିବାସୀ ମଧ ନିର୍ଭର କରନ୍ତି, କିନ୍ତୁ ସେଠାରେ ଥିବା ଖଣି ଗୁଡିକର ଖନନ ଲାଗି ସେହି ନାଳ ପୋତି ହୋଇଯାଇଛି ।ବଣେଇ ଅଂଚଳରେ ଥିବା ୧୪ଟି କାରଖାନାରୁ ବାହାରୁଥିବା ବର୍ଜ୍ୟ ଜଳ ଏହି କୋଏଲ ନଦୀ ଦେଇ ବ୍ରାହ୍ମଣୀରେ ମିଶି ପାଣିକୁ ପ୍ରଦୁଷିତ କରିବାରେ ଲାଗିଛି । ରାଉରକେଲାରେ ମଧ ସେହି ଅବସ୍ଥା, ଆରଏସପି ସମେତ ଡାକ୍ତରଖାନା, ସ୍ପଞ୍ଜ କାରଖାନା, ସହରର ବର୍ଜ୍ୟ ଜଳ ଯାଇ ବ୍ରାହ୍ମଣୀରେ ମିଶୁଛି । ସେହିଭଳି ଅନୁଗୁଳ ସମେତ ସୁକିନ୍ଦା, କଳିଙ୍ଗନଗର ଅଂଚଳର ପ୍ରଦୁଷିତ କଳକାରଖାନାର ପ୍ରଦୁଷିତ ଜଳ ସମ ପରିମାଣରେ ବ୍ରାହ୍ମଣୀରେ ମିଶୁଛି। ଫଳରେ ଏହି ନଦୀ ଜଳ ଅଧିକରୁ ଅଧିକ ବିଶାକ୍ତ ହେଉଛି । ଆଗାମୀ ଦିନରେ ଏହା ଅଧିକ ବିଶାକ୍ତ ହେବା ଆଗରୁ ସରକାର କଳକାରଖାନା ଓ ଖଣି ଗୁଡିକୁ ପରିବେଶ ସୁରକ୍ଷା ଦିଗରୁ ଆଇନକୁ କଡା କଡି ମାନିବାକୁ ବାଧ କରିବାକୁ ସେ ଦାବି କରିଛନ୍ତି । ତେବେ ନଦୀ ଗୁଡିକର ପ୍ରଦୁଷଣ ଓ ଏହାର ଆକାରରେ ପରିବର୍ତନ ଲାଗି ସରକାର ଚିନ୍ତା କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ତେବେ ଏତେ ସବୁ ପ୍ରଦୁଷଣ ସମସ୍ୟା ଦାୟିତ୍ୱରେ ଥିବା ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ସଠିକ ଭାବେ କାମ କରୁନାହିଁ ଓ ଏହାର ଗଠନ ବେଳେ ଯେଉଁ ଲକ୍ଷ ଥିଲା ତାହା ବଦଳିଯାଇଛି। ଫଳରେ ପ୍ରଦୂଷଣ ରୋକିବା ସମ୍ଭବ ହେଉନାହିଁ । ଏହି ସଂସ୍ଥାର ଅଧକ୍ଷ ପଦବୀ ୧ ୨ ବର୍ଷ ହେଲା ଖାଲି ପଡିଛି। ମୁଖ୍ୟ ଶାସନ ସଚିବ ଏହାର ଦାୟିତ୍ୱରେ ରହିଛନ୍ତି, ତେଣୁ ଏହି ସଂସ୍ଥା କାର୍ଯ୍ୟକ୍ଷମ ହୋଇପାରୁନାହିଁ । ଯଦି ପ୍ରଦୁଷଣ ରୋକିବା ନେଇ ସରକାର ଉଚିତ ପଦକ୍ଷେପ ନେବେ ନାହିଁ ତେବେ ଏନେଇ ଏକ ଜନସ୍ୱାର୍ଥ ମାମଲା କରାଜିବାକୁ ଚିନ୍ତା କରାଜିବ । ତେବେ ସୁନ୍ଦରଗଡ ଜିଲ୍ଲାରେ ଏତେ ପ୍ରଦୁଷଣରେ ବାୟୁ ଜଳ ଉଭୟ ପ୍ରଦୁଷିତ। ଏଭଳି ସ୍ଥିତିରେ ୨୦୨୩ରେ ରାଉରକେଲାରେ ବିଶ୍ୱ ହକି କିଭଳି ହେବ, ବାହାର ଦେଶର ଖେଳାଳୀ ଏହା ଜାଣିବା ପରେ ଆସିବାକୁ ରାଜି ହେବେନି ଓ ବିଶ୍ୱ ହକି ଲାଗି ଏହା ସମସ୍ୟା ହେବକି ପ୍ରଶ୍ନର ଉତରରେ ସେ କହିଛନ୍ତି କିଛି ଅସୁବିଧା ନାହିଁ ଖେଳାଳୀ ମାନେ ମିନେରାଲ ପାଣିରେ ଗେଧୋଇବେ ଓ ପିଇବେ ତଥା ଲୋକେ ଯେମିତି ଚଳ ପ୍ରଚଳ କରୁଛନ୍ତି ସେମିତି ରହି ତାଙ୍କ କାମ ସାରି ଫେରିପାରିବେ । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ଡକ୍ଟର ବ୍ରତିନ୍ଦୀ ଜେନା, ସଂଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଚକଡ଼ା ପୋକ ଲାଗି ହେକ୍ଟର ହେକ୍ଟର ଧାନ ଚାଷ ନଷ୍ଟ, ପ୍ରଶାସନର ଦ୍ୱାରସ୍ଥ ହେଲେ ଚାଷୀ

ଭବାନୀପାଟଣା, (ପି.ଏନ): କଥାରେ ଅଛି ଚାଷ କାମ ଯାହାର କେଡେ ସୁଖ ତାହାର, ହେଲେ ଚାଷ କରି ଦୁଇ ପଇସା ପାଇ ନିଜ ପରିବାରର ପ୍ରତିପୋଷଣ ଆଶା କରିଥିବା ଚାଷୀ ଏବେ ନିରାଶ । ଧାନ ଚାଷରେ ବିପିଏଚ୍ ରୋଗ ଚକଡା ପୋକ ଲାଗି ଫସଲ ନଷ୍ଟ ହେଲା ପରେ ଏବେ ଚିନ୍ତାରେ ଚାଷୀ। କ୍ଷତିପୁରଣ ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ତାରାପୁର ଗ୍ରାମପଂଚାୟତରେ ଏଭଳି ଚିତ୍ର ସାମ୍ନାକୁ ଆସିଛି ।ତାରାପୁର ଗ୍ରାମପଂଚାୟତର ଚାଷୀ ମାନେ ଚଳିତ ବର୍ଷ ଖରିଫ ଧାନ ଫସଲ କରିଥିଲେ । ମହାଜନୀ ଋଣ ସାଙ୍ଗକୁ ବ୍ୟାଙ୍କ ଋଣ ଆଣି ଚାଷ କରିଥିବା ଚାଷୀ ବେଶ ଦୁଇ ପଇସା ରୋଜଗାର କରି ଋଣ ପରିଶୋଧ ସାଙ୍ଗକୁ ପରିବାର ପ୍ରତିପୋଷଣ କରିବା ଆଶା ରଖିଥିଲେ । ହେଲେ ଧାନ ଚାଷରେ ବିପିଏଚ୍ ରୋଗ ଲାଗିଯିବା ପରେ ପ୍ରାୟ ୫୦ ହେକ୍ଟରରୁ ଅଧିକ ଚାଷ ଏବେ ସମ୍ପୁର୍ଣ୍ଣ ନଷ୍ଟ ହୋଇଯାଇଛି । ଫଳରେ ଚାଷ କରିଥିବା ଚାଷୀ ଏବେ କେମିତି ଧାର କରଜ ପରିଶୋଧ କରିବା ସହ ପରିବାର ପ୍ରତିପୋଷଣ କରିବେ ସେ ନେଇ ଚିନ୍ତାରେ ରହିବା ସହ ସରକାରୀ ସହାୟତା ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଥିବା କହିଛନ୍ତି । ତାରାପୁର ଗ୍ରାମର ଚାଷୀ ମାନେ ଚାଷ ପାଇଁ ଇନସ୍ୟୁରାନ୍ସ ମଧ କରିଛନ୍ତି । ଅନ୍ୟପଟେ ଚାଷ ଜମିକୁ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବା ସହ ଯୁଦ୍ଧକାଳୀନ ଭିତିରେ ଚାଷୀ ମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷି ମହଲରେ ଦାବୀ କରିବା ସହ ସହାୟତା ଯୋଗାଇ ନଦେଲେ ଆଗାମୀ ଦିନରେ ଚାଷୀ ମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଧାନ ଫସଲରେ ବିପିଏଚ୍ ଚକଡା ପୋକ ହୋଇଥିବାରୁ ଏହାକୁ ନେଇ ଚାଷି ମାନେ ଚିନ୍ତାରେ ପଡିଛନ୍ତି । ଚକଡା ପୋକ ଦମନ ପାଇଁ କୃଷି କର୍ମଚାରୀଙ୍କ ପରାମର୍ଶରେ କୀଟନାଶକ ଔଷଧ ସିଂଚନ କରିଥିଲେ ହେଁ କୌଣସି ସୁଫଳ ମିଳୁନଥିବା ଚାଷି ମାନେ ଅଭିଯୋଗ କରିଛନ୍ତି । ଏନେଇ ଧର୍ମଗଡ କୃଷି ଜିଲ୍ଲା ଅଧିକାରୀ ଜାମି ସୂର୍ଯ୍ୟା ରାଓ କେତେ ପରିମାଣରେ ବିପିଏଚ୍ ଚକଡ଼ା ପୋକ ଯୋଗୁଁ କ୍ଷୟକ୍ଷତି ହୋଇଛି ତାହା ଆକଳନ କରି ରିପୋର୍ଟ ସଂଗ୍ରହ କରି ସରକାରଙ୍କୁ ଜଣାଇଲା ପରେ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ବିପିଏଚ୍ ରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ନଦେଲେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ପଡିବା ସୁନିଶ୍ଚିତ ।

## ବାଲେଶ୍ୱର ରେଳ ଷ୍ଟେସନ ନିକଟରେ ୪ ମୃତ ଦେହ ଉଦ୍ଧାର କଲା ରେଲୱେ ପୁଲିସ

ବାଲେଶ୍ୱର,(ପି.ଏନ): ବାଲେଶ୍ୱର ଷ୍ଟେସନ ପାଖାପାଖି ଭିନ୍ନ ଭିନ୍ନ ଘଟଣାରେ ୪ ମୃତଦେହ ଉଦ୍ଧାର। ଗତକାଲି ବିଳମ୍ବିତ ରାତ୍ରୀରେ ଯାତ୍ରୀବାହୀ ଟ୍ରେନ ଧକ୍କାରେ ଦୁଇ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ପରିଚୟ ମିଳିଛି। ପରିଚୟ ମିଳିଥିବା ଯୁବକ ଜଣକ ବାଲେଶ୍ୱର ଫାଣ୍ଡି ଛକ ନିକଟରେ ଫଳ ଦୋକାନରେ କାମ କରୁଥିବା ବେଳେ ଯୁବକ ଜଣକ ରେମୁଣା ବଗଲପୁର ଗାଁ ର କାଳୀ ଚରଣ ଦେ ବୋଲି ଜଣାପଡ଼ିଛି। ଅନ୍ୟ ଜଣକ ପରିଚୟ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ସେହିଭଳି ଜଣେ ବୃଦ୍ଧ ଭିକ୍ଷୁକ ର ମୃତଦେହ ରେଳ ଲାଇନ କଡ଼ ରୁ ଉଦ୍ଧାର ହୋଇଥିବା ବେଳେ ଅନ୍ୟତମ ମୃତ ଦେହ ରେଳ ଲାଇନ କଡ଼ ନିକଟରେ ରହୁଥିବା ୱାଇ ଭେଙ୍କଟ ରାଓ ନାମକ ବ୍ୟକ୍ତିର ବୋଲି ଜଣାପଡ଼ିଛି। ସମସ୍ତେ ମୃତଦେହକୁ ଜି ଆର୍ ପି ପୁଲିସ ଉଦ୍ଧାର କରି ସବ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି।

## ବନବିଭାଗ ସରକାରୀ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରିବା ଦାବି

ବଲାଙ୍ଗୀର, (ପି.ଏନ): ବଲାଙ୍ଗୀର ବନଖଣ୍ଡର ସରକାରୀ ଆଉଟସୋର୍ସିଂ କର୍ମଚାରୀ ମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଅଛି। ଉକ୍ତ ବୈଠକରେ ଜିଲ୍ଲାର ବିଭିନ୍ନ ବନାଂଚଳରେ କାର୍ଯ୍ୟ ରତ ୭୨ ଜଣ ପାରା ଫରେଷ୍ଟ ସ୍କ୍ୱାଡ଼ ସଦସ୍ୟ ଓ ୨୮ ଜଣ ଡାଟାଏଂଟ୍ରି ଅପରେଟର ଯୋଗଦେଇଥିଲେ। ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଲା ପ୍ରାୟ ଅନେକ ବର୍ଷ ଧରି ରେ ସ୍ୱଳ୍ପ ବେତନ ପାଇ ସରକାରଙ୍କର ସମସ୍ତ କାର୍ଯ୍ୟ କରିଆସୁଛନ୍ତି ଯାହା ଏକ ଦିନ ମଜୁରୀଆ ଠୁ ବି କମ୍ ଏବଂ ଏହାକୁ ଗୋଟି ଶ୍ରମିକ କହିଲେବି ଅତ୍ୟୁକ୍ତି ହେବନାହିଁ। ସ୍ୱଳ୍ପ ବେତନରେ ପରିବାର ଚଳେଇବା ବି କାଠିକର ବ୍ୟାପାର ହୋଇଯାଉଛି। ପରିତାପର ବିଷୟ ଯେ, ଗୋଟିଏ କାର୍ଯାଳୟରେ ଗୋଟିଏ ନିୟମିତ କର୍ମଚାରୀ ଯେତିକି ସମୟ କାମ କରନ୍ତି ତାଠାରୁ ଢେର ସମୟ ଅଧିକ କାମ କରି ମଧ ଶୋଷଣ ର ଶିକାର ହେବାକୁ ପଡୁଛି। ତେଣୁ ଏହି କୁତ୍ସିତ ଓ ଘୃଣ୍ୟ ପରମ୍ପରାର ମୁଳପ୍ରୋଟନ କରିବା ଏବଂ ଏହାକୁ ନିୟମିତ କରିବା ନିମନ୍ତେ ସମସ୍ତ କର୍ମଚାରୀ ଏକଜୁଟ ହୋଇ ଥିଲେ ଏବଂ ଆଗାମୀ ଦିନରେ ଯଦି ସରକାର କିଛି ଦୃଷ୍ଟାନ୍ତ ମୂଳକ ନନିଅନ୍ତି ତେବେ ଉକ୍ତ କର୍ମଚାରୀ ମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ । ଉକ୍ତ ବୈଠକରେ ସଙ୍ଘର କର୍ମକର୍ତା ଶ୍ରୀ ସୁରଜ କୁମାର ଅଗସ୍ତି, ଶ୍ରୀ ବିପ୍ଳବ କୁମାର ପଟ୍ଟନାୟକ, ଶ୍ରୀ ଆଶୁତୋଷ ବେହେରା ମାଲି, ଶ୍ରୀ ସଂଜୀବ ପୋଢ଼, ଶ୍ରୀ ନରେନ୍ଦ୍ର ବିଶ୍ୱାଳ, ଶ୍ରୀ ସନ୍ତୋଷ କୁମାର ରଣା, ଶ୍ରୀହେମନ୍ତ ବଳବନ୍ତ ରାଏ, ଶ୍ରୀଗୋଲାପ ବାଗ, ଶ୍ରୀ ପ୍ରମୋଦ ଭୋଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ବଲାଙ୍ଗିର ଜିଲ୍ଲାର ନୂତନ କର୍ମକର୍ତ୍ତା ନିର୍ବାଚିତ

ବଲାଙ୍ଗୀର, (ପି.ଏନ): ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ନୂତନ ପେନସନଭୁକ୍ତ ବଲାଙ୍ଗିର ଜିଲ୍ଲା ଶାଖାର ସାଂଗଠାନିକ ବୈଠକ ଜିଲ୍ଲା ସଭାପତି ହେମନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଂଘ ନେତୃତ୍ୱରେ ପୁରୁଣା ପେନସନ ଯୋଜନା ତଥା କଂଟ୍ରାଚ୍ୟୁଆଲ ପିରିଆଡକୁ ରେଗୁଲାର ଓ ୬ଟି ଇନ୍କ୍ରିମେଂଟ ଲାଗୁ କରିବା ପାଇଁ ଆଗାମୀ ଦିନରେ ହେବାକୁ ଯାଉଥିବା ଦୁର୍ବାର ଆନ୍ଦୋଳନକୁ ସଫଳ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ପରିଚାଳନା କମିଟିର ସଭ୍ୟ ପ୍ରଦୀପ କୁମାର ଦାଶ ତଥା ଅନ୍ୟ ଶିକ୍ଷକଙ୍କ କରୋନାରେ ଦେହାନ୍ତ ଯୋଗୁଁ ଅମର ଆତ୍ମାର ସଦ୍ଗତି ନିମନ୍ତେ ସର୍ବ ପ୍ରଥମେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଓଡିଶା ସରକାର ଓପିଏସ୍ ଲାଗୁ କରିବାରେ ଡାଳଟୁଳ ନୀତି ବିରୁଦ୍ଧରେ ମତ ପ୍ରକାଶ ପାଇଥିଲା। ଆଗାମୀ ସମୟରେ ଜିଲ୍ଲା ସଂଘକୁ ଆହୁରି ସୁଦୃଢ ଓ ସକ୍ରିୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ଜିଲ୍ଲା ସଂଘ ପୁନଃଗଠନ କରାଯାଇଥିଲା। ଦେବଦତ ମେହେର ସଭାପତି, ଅମୀୟ ନାଗ କାର୍ଯ୍ୟକାରୀ ସଭାପତି, କୈସ ରସୁଲ ଖାନ ସଂପାଦକ, ପର୍ଶୁରାମ ସୁନା, ତୁଳାରାମ ନାଏକ, ବଳଭଦ୍ର ଯୁଏଡ ଉପ-ସଭାପତି, ଯୋଗିନ୍ଦ୍ର ଦାଶ, ରଶ୍ମିତା ମହାନ୍ତି, ବସନ୍ତ ବୁଡେକ ସହ ସଂପାଦକ, ଅନିଲ ରଣା କୋଷାଧକ୍ଷ, ଗିରିଶ ଚନ୍ଦ୍ର ସା, ଶୁଶାନ୍ତ ପଣ୍ଡା, ଦିଲିପ ବର୍ଗତି, ନିତ୍ୟାନନ୍ଦ ହୋତା, ଲିଙ୍ଗରାଜ ମେହେର କାର୍ଯ୍ୟକାରୀ ସଭ୍ୟ, ହେମନ୍ତ ଦାଶ, ଭରତ ମହାକୁର, ବିରଂଚି ନାରାୟଣ ଦାଶ ଉପଦେଷ୍ଟା ମଣ୍ଡଳି ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ଏହି ବୈଠକରେ ଜିଲ୍ଲାରୁ ଶତାଧିକ ଶିକ୍ଷକ ଉପସ୍ଥିତ ଥିଲେ।

# ପୁରୀ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ

ପୁରୀ,(ପି.ଏନ): ପୁରୀ ଜିଲ୍ଲା ଐତିହ୍ୟ ଓ ପ୍ରକୃତିର ଗନ୍ତାଘର । ବିକାଶ ମୂଳକ କାର୍ଯ୍ୟ ସମୟରେ ଏହାର ସଂରକ୍ଷଣ କରାଯାଉ। ପୁରୀ ଦେଶର ଆଧ୍ୟାତ୍ମିକ ରାଜଧାନୀ। ଏହାର ପବିତ୍ରତା ଏବଂ ଧାର୍ମିକ ପରିବେଶ ଅକ୍ଷୁଣ୍ଣ ରଖାଯିବାକୁ ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଛନ୍ତି। ପୁରୀ ବିକାଶ ପରିଷଦ ପକ୍ଷରୁ ଆଜି ୟୁଥ୍ ହଷ୍ଟେଲରେ ପୁରୀ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର କରାଯିବ ଓ ଲୋକଙ୍କ ସହଯୋଗ ବିନା ଏହା ସଫଳ ହୋଇପାରିବ ନାହିଁ ବୋଲି କହିଥିଲେ ।ପୁରୀରେ ରହିଥିବା ବିଭିନ୍ନ ମଠ ମନ୍ଦିର ଏବଂ ପ୍ରାଚୀନ ଐତିହ୍ୟ ଗୁଡ଼ିକର ସୁରକ୍ଷା ସହ ଜନସାଧାରଣଙ୍କ ପରାମର୍ଶ ଏବଂ ପ୍ରସ୍ତାବକୁ ସ୍ୱାଗତ କରାଯାଉଛି । ପୁରୀ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ଏକ ସୁନ୍ଦର ପଦକ୍ଷେପ । ଏହାକୁ ବ୍ୟାପକ ଆଲୋଚନା କରାଯାଇ ଏକ ଚୁଡାନ୍ତ ରୂପରେ ପାଳନ ପାଇଁ ଜିଲ୍ଲା ପ୍ରଶାସନ ସହଯୋଗ କରିବ। ପୁରୀ ବିକାଶ ପରିଷଦର ଏଭଳି ଉଦ୍ୟମକୁ ସେ ସାଧୁବାଦ୍ ଜଣାଇଛନ୍ତି। କେବଳ ପୁରୀ ନୁହେଁ ଜିଲ୍ଲାର ବିକାଶ ପାଇଁ ଶିକ୍ଷାବିତ, ବୁଦ୍ଧିଜୀବୀ ମାନେ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଦେବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ପୁରୀ ପୌର ସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ଜଗନ୍ନାଥ ଓଡ଼ିଶାର ପରିଚୟ ବୋଲି କହିଥିଲେ। ପୁରୀର ଐତିହ୍ୟ, ସଂସ୍କୃତି, ପରମ୍ପରା ବିଶ୍ୱବ୍ୟାପୀ ହୋଇଛି। ପୁରୀକୁ ନେଇ ପ୍ରତ୍ୟେକ ଅଧିବାସୀ ଆଜି ଗର୍ବ କରିବା ଉଚିତ୍। ପୁରୀକୁ ସ୍ୱଚ୍ଛ, ସବୁଜ ଏବଂ ପ୍ରଦୂଷଣମୁକ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଅଭିଯାନରେ ସମସ୍ତେ ସାମିଲ ହେବାକୁ ସେ ଆହ୍ୱାନ କରିଛନ୍ତି। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ , ନେହେରୁ ଯୁବ କେନ୍ଦ୍ର ସଂଯୋଜକ ଜୟ ଶଙ୍କର ଯୋଶୀ ଏବଂ ବିଶିଷ୍ଟ ଗାନ୍ଧିବାଦୀ ଗୌରାଙ୍ଗ ଚରଣ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହାତ୍ମା ଗାନ୍ଧୀ ପୁରୀକୁ ଭଲ ପାଇବା ସହ ବାରମ୍ବାର ଏଠାକୁ ଆସିଛନ୍ତି। ଗାନ୍ଧିଜୀ ତାଙ୍କ ସଂପାଦକୀୟରେ ପୁରୀ ବିଷୟରେ ଅନେକ ଗୁରୁତ୍ୱପୂର୍ଣ ତଥ୍ୟ ଉଲେଖ କରିଛନ୍ତି ବୋଲି ଶ୍ରୀ ପରିଡା କହିଥିଲେ। ପୁରୀ ବିକାଶ ପରିଷଦ ସଭାପତି ଜଗନ୍ନାଥ ବସ୍ତିଆ କାର୍ଯକ୍ରମରେ ଅଧକ୍ଷତା କରିଥିଲେ। ସମାଜସେବୀ ଚକ୍ରଧର ମହାପାତ୍ର, ମନୋଜ କୁମାର ରଥ, ସୂର୍ଯ୍ୟ ନାରାୟଣ ରଥ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଶରତ ଜୟସିଂହ,ସୌମେନ୍ଦ୍ର ଦାସ, ଦେବୀ ପ୍ରସନ୍ନ ନନ୍ଦ, ସନ୍ତୋଷ କୁମାର ମହାନ୍ତି, ବିଶ୍ୱନାଥ ବେହେରା, ପ୍ରାକ୍ତନ ଅଧାପକ ସୁକାନ୍ତ ମହାନ୍ତି ଆଲୋଚନାରେ ଅଂଶ ଗ୍ରହଣ କରି ପୁରୀ ସମଗ୍ର ଓଡ଼ିଶାର ପରିଚୟ ହୋଇଥିବାରୁ ଏହାର ସ୍ୱତନ୍ତତା ବଜାୟ ରଖାଯିବାକୁ ଦାବି କରିଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରେ ରହିଥିବା ପ୍ରାଚୀନ ଐତିହ୍ୟ, କୀର୍ତିରାଜି ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ସେମାନେ ପରାମର୍ଶ ଦେଇଥିଲେ। ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଗୁରୁ ଜଗନ୍ନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀ ଲୋପାମୁଦ୍ରା ମିଶ୍ର, ସିପ୍ରା ମିଶ୍ର, ଶୁଭସ୍ମିତା ପ୍ରିୟଦର୍ଶିନୀ, ଚିରଶ୍ରଧା ମହାନ୍ତି, ଆୟୁଶା ପରିଡ଼ା, କ୍ରିଷ୍ଣା କାବେରୀ ମହାପାତ୍ର, ସଂଗୀତା ପ୍ରଧାନ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସଂଗଠନ ସମ୍ପାଦକ ସ୍ୱାଧୀନ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ଉପସଭାପତି ସୁକାନ୍ତ ପଣ୍ଡା, ଡାକ୍ତର ରାଧାଶ୍ୟାମ ରଥ, ପ୍ରାନ୍ତସିନି ଜେନା, ବାପିନା ସାମନ୍ତରାୟ, ଗୋବିନ୍ଦ ଦାସ ଘୋଷ, ଡାକ୍ତର କୈଳାଶ ଭୂଷଣ ମହାପାତ୍ର କାର୍ଯକ୍ରମ ପରିଚାଳନା କରିଥିଲେ।

## ଯୋଗୀମୁଣ୍ଡା ରେ ଧନ୍ୱନ୍ତରୀ ପୂଜା ଓ ବୈଦ୍ୟ ସମ୍ମିଳନୀ

ବଲାଙ୍ଗିର,(ପି.ଏନ): ଯୋଗୀମୁଣ୍ଡା ଆରୋଗ୍ୟ ବିହାରଠାରେ ଦେବ ବୈଦ୍ୟ ଧନ୍ୱନ୍ତରୀ ମହାରାଜଙ୍କ ଜୟନ୍ତୀ ଓ ବୈଦ୍ୟ ସମ୍ମିଳନୀ ମହାସମାରୋହରେ ପାଳିତ ହୋଇଯାଇଛି । ଓଡିଶା ରାଜ୍ୟ ବନୌଷଧୀ ବିଶେଷଜ୍ଞ, ସମ୍ମାନିତ ଅତିଥି ଭାବରେ ଡାକ୍ତର ଦୀନବନ୍ଧୁ ମେହେର, ଝାସକେତନ ଗୁରୁ, ଶାନ୍ତନୁ କୁମାର ବୁଧିଆ, କ୍ଷମାନିଧି ଭୋଇ, ଅମିଳ ପୁଟେଲ ପ୍ରମୁଖ ଯୋଗ ଦେଇଥିଲେ ମୁଖ୍ୟବକ୍ତା ଭାବରେ ବୈଦ୍ୟରାଜ ହରିଶ୍ଚନ୍ଦ୍ର ପଣ୍ଡିତ ଆୟୁର୍ବେଦିକ ଚିକିତ୍ସା ପଦ୍ଧତି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

# ସୂର୍ଯ୍ୟୋପରାଗ ଉପଲକ୍ଷେ ଶ୍ରୀ ବଳଦେବଜୀଉ ମନ୍ଦିରର ନୀତି ନିର୍ଘଂଟ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିରର ଦ୍ୱିପାବଳୀ ଅମାବାସ୍ୟା ଚଳିତ ମାସ ୨୫ ତାରିଖ ମଙ୍ଗଳବାର ଦିନ ସୂର୍ଯ୍ୟୋପରାଗ ଘଟୁଥିବାରୁ ଏହାର ପୂର୍ବଦିନ ୨୪ ତାରିଖର ପୂଜା ନିର୍ଘଣ୍ଟ ସ୍ଥିର କରାଯାଇ ସର୍ବ ସାଧାରଣଙ୍କ ଉପଲକ୍ଷେ ପ୍ରକାଶ କରାଯାଇଛି। ୨୪ ତାରିଖ ସୋମବାର ଭୋର୍ ୬ଟା ୩୦ ମିନିଟ୍ ସମୟରେ ଜୟ ମଙ୍ଗଳା ଆଳତୀ, ୯ଟାରେ ନୀତି ସ୍ନାନ ବଲ୍ଲଭ, ୧୦ଟାରେ ଖେଚୁଡୀ ଧୂପ, ମଧାହ୍ନ ୧ଟା ସମୟରେ ଦ୍ୱିପ୍ରହର ଧୂପ, ଅପରାହ୍ନ ୨ଟା ୩୦ ମିନିଟ୍ ରେ ସଂନ୍ଧ୍ୟା ଉଠାଣୀ ଆଳତୀ, ଅପରାହ୍ନ ୫ଟା ରାତ୍ର ଧୂପ ଓ ରାତ୍ର ୭ଟା ସମୟରେ ବଡ ସିଂହାର ବେଶ କରାଯାଇ ୭ଟା ୩୦ ସମୟରେ ପହୁଡ ଲାଗି କରାଯିବ ବୋଲି ସ୍ଥିର କରାଯାଇଛି । ଉପରାଗ ସ୍ପର୍ଶ ମଙ୍ଗଳବାର ଅପରାହ୍ନ ୪ଟା ୫୪ ମିନିଟ୍ରେ ହୋଇ ରାତ୍ର ୬ଟା ୨୬ ମିନିଟ୍ରେ ସର୍ବମୋକ୍ଷ ଘଟୁଥିବାରୁ ନୀତିକାନ୍ତିରେ ପରିବର୍ତନ କରାଯାଇଛି । ମଙ୍ଗଳବାର ରାତ୍ର ୯ଟା ୩୦ ଜୟ ମଙ୍ଗଳା ଆଳତୀ, ରାତ୍ର ୧୧ ଟା ନୀତି ସ୍ନାନ ବଲ୍ଲଭ, ରାତ୍ର ୧୧ଟା ୩୦ ଖେଚୁଡୀ ଧୂପ, ରାତ୍ର ୧୨ଟା ସମୟରେ ଦ୍ୱିପ୍ରହର ଧୂପ, ରାତ୍ର ୧୨ଟା ୩୦ ମିନିଟ୍ ରେ ସଂନ୍ଧ୍ୟା ଉଠାଣୀ ଆଳତୀ, ୧ଟା ୩୦ ରାତ୍ର ଧୂପ ଓ ରାତ୍ର ୨ଟା ୩୦ ପିଁପେଇ ଡକା ଉଖୁଡା ମଣୋହି ଆଦି କରାଯିବାର ସ୍ଥିର କରାଯାଇଛି । ଏହି ଦିନ ଅପରାହ୍ନ ୫ଟାରେ ପରାଗ ସ୍ନାନ ଓ ସଂନ୍ଧ୍ୟା ୬ଟାରେ ପରାଗ ଭୋଗ ଦିଅଁମାନଙ୍କୁ ଲାଗି କରାଯିବାର ନିଷ୍ପତି ଗ୍ରହଣ କରାଯାଇ ଥିବା ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କ ସୂଚନା ଦେଇଛନ୍ତି । ସୂଚନା ଯୋଗ୍ୟ ଏ ସମସ୍ତ ଧୂପ ଗ୍ରହଣ ଉପରାଗ ସମୟରେ ନିସଂଖୁଡି କରାଯିବାର ବ୍ୟବସ୍ଥା ରହିଛି ।

# ସ୍ୱାମୀ ହତ୍ୟାକାରି ଯଶୋଦା ଗିରଫ ଓ କୋର୍ଟ ଚାଲାଣ

ବଲାଙ୍ଗୀର,(ପି.ଏନ): ରାତ୍ରି ପ୍ରାୟ ଦୁଇଟାବେଳେ ନିଜ ସ୍ୱାମୀଙ୍କୁ କୁରାଢିରେ ହତ୍ୟାକରି ଫେରାର ହୋଇଯାଇଥିବା ହତ୍ୟାକାରିଣୀ ପତ୍ନୀ ଯଶୋଦାକୁ ଆଜି ପୁଲିସ ଗିରଫ କରିବାରେ ସକ୍ଷମ ହୋଇଛି। ବଲାଙ୍ଗିର ସଦର ଏସ୍ଡିପି ଓ ତୁଫାନ୍ ବାଗଙ୍କ ସୂତ୍ରରୁ ଜଣାପଡିଛି ଯେ ମୃତକର ଶ୍ୱଶୁର ଗତକାଲି ୨୨.୧୦.୨୦୨୨ ତାରିଖ ରିପୋର୍ଟ କାରୀ ରଜନୀକାନ୍ତ ଭୋଇ, ପି-ସ୍ୱର୍ଗତ ଜୟପାଳ ଭୋଇ, ନି- ମହୀପୁର, ଥାନା - ତୁଷୁରା ଜି - ବଲାଙ୍ଗୀର ଅଭିଯୋଗ କଲେ ଯେ, ଗତ ୨୧/ ୨୨.୧୦.୨୦୨୨ ରିଖ ରାତିରେ ସମସ୍ତେ ଶୋଇଥିଲାବେଳେ ସମୟ ପ୍ରାୟ ୨.୦୦ଘଂଟା ସମୟରେ ତାଙ୍କ ବୋହୁ ଯଶୋଦା ଭୋଇ ହଠାତ ଦାଣ୍ଡ କବାଟ ଜୋରରେ ଖୋଲିବାରୁ ପାଖରେ ଶୋଇଥିବା ମଝିଆ ପୁଅ ଦୀପକ ଭୋଇ କାହିଁକି ଏତେ ଜୋରରେ କବାଟ ଖୋଲୁଛ ବୋଲି ପଚାରିଲା କିନ୍ତୁ ସେ ଦୌଡ଼ି ଦୌଡ଼ି ବାହାରକୁ ପଳେଇ ଗଲା. ଦୀପକ କିଛି ବୁଝି ନାଁ ପାରି ତା ଭାଇ ଦିବ୍ୟ ସିଂ ଭୋଇକୁ ଡାକିବାରୁ ସେ କିଛି ଉତର ଦେଲା ନାହିଁ ତେଣୁ ତା ପାଖକୁ ଯାଇ ଦେଖିବାରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଚେତ ହୋଇ ପଡିଥିଲା, ଏହା ଦେଖି ସେ ଜୋରରେ ଭାଉଜ ଭାଇ କୁ ମର୍ଡର କରି ଦେଲା ବୋଲି ସମସ୍ତ କୁ ଡାକିଲା. ସମସ୍ତେ ଏକାଠି ହୋଇ ଆମ୍ବୁଲାନ୍ସ ଡାକି ବଲାଙ୍ଗୀର ଡାକ୍ତରଖାନାକୁ ପଠାଇଲେ ଓ ସେଠି ଡାକ୍ତର ତାଙ୍କୁ ମୃତ ଘୋଷଣା କଲେ. ଏହି ଘଟଣାର ତଦନ୍ତ କରି ତୁସରା ଥାନା ଇନ୍ସପେକ୍ଟର ଅଧିକାରୀ ସଂଜୀବ କୁମାର ପଧାନ ଘଟଣା ସ୍ଥଳକୁ ଜଗି ଫୋରେନସିକ ଦଳକୁ ଡକାଇ ଘଟଣା ସ୍ଥଳ ପରିଦର୍ଶନ କଲେ, ସେଠାରୁ ବିଭିନ୍ନ ପ୍ରମାଣ ସଂଗ୍ରହ କରି ଘଟଣା ରେ ବ୍ୟବହୃତ ମରଣାସ୍ତ୍ର ଏକ ରକ୍ତ ଲଗା ଲୁହା କୁରାଢ଼ୀ ଜବତ କଲେ. ବଲାଙ୍ଗୀର ଡାକ୍ତରଖାନାରେ ଶବ ପଂଚନାମା କରି ମୃତଦେହ ପରିବାରକୁ ହସ୍ତାନ୍ତର କଲେ. ଆସାମୀକୁ ବହୁ ଖୋଜାଖୋଜି କଲା ପରେ ଆଜି ସକାଳ ୧୦.୩୦ ମି ସମୟରେ ବୁରୋମାଲ -ସମରା ରାସ୍ତାରୁ ଧରିଲେ. ଆସାମୀ ଯଶୋଦା କୁ ପଚାରିବାରେ ସେ ନିଜ ଦୋଷ ସ୍ୱୀକାର କରି କହିଲା ଯେ ତା' ସ୍ୱାମୀ ତାକୁ ଗେଡି କହି ଟର୍ଚର କରୁଥିଲ. ସେ ତାର ଯତ୍ନ ନେଉ ନଥିଲା, ସବୁବେଳେ ପୂଜା କରୁଥିଲା ଓ ତାକୁ ମାରିଦେବା ପାଇଁ ଚେଷ୍ଟା କରୁଥିଲା, ତେଣୁ ସେ ତାକୁ କୁରାଢ଼ୀରେ ମାରିଦେଲା, ଆଜି ଦିନ ୧୧.୩୦ ମି ରେ ଆସାମୀ ଯଶୋଦା ଭୋଇ (୨୫) କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛନ୍ତି। ପୁଲିସ ଏହି ମାମଲାରେ ଜବତ ସାମଗ୍ରୀ ମଧ୍ୟରେ ରକ୍ତଲଗା କୁରାଢ଼ୀ, ପିନ୍ଧା ବସ୍ତ୍ର ଓ ଘଟଣା ସ୍ଥଳରୁ ଜବତ ଅନେକ ପ୍ରମାଣ ପାଇଥିବା ବେଳେ ତୁଷୁରା ଥାନା କେସ ନ- ୧୬୨ ତା.୨୨.୧୦.୨୦୨୨ ରିଖ ଦଫା- ୩୦୨ ଓଟଉ ରେ ମକଦ୍ଦମା ରୁଜୁ କରିଛନ୍ତି।

# ୫୪ତମ କାଳୀପୂଜା ଅବସରରେ ସାମ୍ବାଦିକ ସମ୍ମିଳନୀ

ସୁବର୍ଣ୍ଣପୁର, (ପି.ଏନ): ୫୪ତମ ସର୍ବଜନୀନ କାଳୀପୂଜା ମହୋତ୍ସବ ୨୦୨୨ ଅବସରରେ ଆଜି ମଝିପଡ଼ା ରାମଧୁନ କ୍ଲବ ଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ପୂଜା କମିଟିର ଉପଦେଷ୍ଟା ତଥା ପ୍ରାକ୍ତନ ପୌରଅଧକ୍ଷ କଇରୁ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀ ସଭାକୁ ରାମଧୁନ କ୍ଲବ ସମ୍ପାଦକ ବିକାଶ ପଣ୍ଡା ସଂଯୋଜନା କରିଥିଲେ। ପୂଜା କମିଟି ସଭାପତି ସୁରଜ ସାହୁ, ସମ୍ପାଦକ ପୂରଣ ନାଏକ, କୋଷାଧ୍ୟକ୍ଷ ରାଜୀବ ସାହୁ, କମିଟିର ବରିଷ୍ଠ ସଦସ୍ୟ ମାଧବ ଦାସ, ଜଗତବନ୍ଧୁ ତ୍ରିପାଠୀ, ହରିନାରାୟଣ ସାହୁ, ପିୟୁଷ ପଣ୍ଡା, ଲଡୁ କିଶୋର ମଲ୍ଲିକ, ଶେଷଦେବ ମେହେର, ଓ ଭକ୍ତି ରଞ୍ଜନ ଦଲାଇ, ମିଡ଼ିଆ କୋଡିନେଟର ମନୋରଞ୍ଜନ ତ୍ରିପାଠୀ ପ୍ରମୁଖ ମଂଚାସୀନ ସମସ୍ତ କର୍ମକର୍ତା ଏବର୍ଷ ମାଙ୍କ ପୂଜାକୁ କିଭଳି ଭାବେ ଆକର୍ଷଣୀୟ କରାଯିବ ଏବଂ ଶୃଙ୍ଖଳା ସହ ପରିଚାଳନା କରାଯିବ ସେ ନେଇ ନିଜ ନିଜ ର ମତାମତ ରଖିଥିଲେ କ୍ଷ ଏବଂ ପୂଜା ର ପ୍ରତ୍ୟୋକ କାର୍ଯ୍ୟକ୍ରମ କୁ ବହୁଳ ପ୍ରଚାର ପ୍ରସାର କରି ବିଭିନ୍ନ ପରାମର୍ଶ ଦେବାକୁ ଅନୁରୋଧ କରିଥିଲେ କ୍ଷ ପ୍ରତ୍ୟହ ସନ୍ଧ୍ୟା ଆଳତୀ ଖୁବ ଆକର୍ଷଣ ଓ ଦୀର୍ଘ ୫୦ ବର୍ଷ ପୂର୍ବରୁ ହିନ୍ଦୁ ମୁସଲିମ ଉଭୟ ସମ୍ପ୍ରଦାୟର ଲୋକେ ଏପୂଜାରେ ସାମିଲ ହୋଇ ସାରା ଭାରତରେ ସର୍ବ ଧର୍ମ ସାମ୍ପନ୍ୱୟ, ଏକତା ଓ ଭାଇଚାରା ର ବାର୍ତା ପହଂଚାଉଥିବା ଏ ପୂଜାର ଏକ ବିଶେଷତ୍ୱ ଅଟେ। ଆସନ୍ତା କାଲି ସୋମବାର ମଧ ରାତ୍ରି ଠାରୁ ମା' କାଳୀଙ୍କ ପୂଜା ଆରମ୍ଭ କରାଯାଇ ଆସନ୍ତା ୧ ତାରିଖ ଠାରୁ ୭ ତାରିଖ ଯାଏ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୮ ତାରିଖ ଦିନ ଭସାଣି ଉତ୍ସବ ଧୁମଧାମରେ ପାଳନ କରାଯିବ ବୋଲି ଉପଦେଷ୍ଟା ଶ୍ରୀ ସ୍ୱାଇଁଙ୍କ ଠାରୁ ପ୍ରକାଶ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

Bhubaneswar Wednesday October 26, 2022 ଭୁବନେଶ୍ୱର ବୁଧବାର, ଅକ୍ଟୋବର ୨୬,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

# ଲଘୁ ଖଣିଜ ପରିବହନ ଓଭର ଲୋଡ଼ିଂକୁ ବିରୋଧ



ବଡ଼ଚଣା,(ପିଏନ): ଚଣ୍ଡିଖୋଲ ସ୍ଥିତ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର ଏକ ବୈଠକ ସଂଘର ସଭାପତି ଅଜାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା ଅଂଚଳରେ ଥିବା ବିଭିନ୍ନ ଲଘୁ ଖଣିଜ ଖାଦାନମାନଙ୍କରୁ ଖନନ କରାଯାଇ ଗାଡ଼ି ମାନଙ୍କ ଦ୍ୱାରା ଧାର୍ଯ୍ୟ ଠାରୁ ଅଧିକ ମାଲ ପରିବହନ କରାଯାଇ ପଡ଼ୋଶୀ ୫/୬ଟି ଜିଲ୍ଲାକୁ ପରିବହନ କରାଯାଉଛି। ସରକାରଙ୍କ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଏହି ଲଘୁ ଖଣିଜ ପଦାର୍ଥ ବ୍ୟବହାର କରାଯାଇଥାଏ। ମାତ୍ର ସରକାରଙ୍କର ନୀତି ନିୟମକୁ ଉଲଘନ କରି ଗାଡ଼ି ମାଲିକମାନେ ଧାର୍ଯ୍ୟ ଠାରୁ ଅଧିକ ପରିବହନ କରିଥାନ୍ତି। ଏହା ବିରୋଧରେ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ବିରୋଧ ହେବାରୁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଓଭର ଲୋଡ଼ ପରିବହନ କରୁଥିବା ଗାଡ଼ିଗୁଡ଼ିକ ଉପରେ ଲକ୍ଷାଧିକ ଟଙ୍କାର ଜୋରିମାନା କରିବା ସହ ଗାଡ଼ି ମାଲିକମାନଙ୍କୁ ଗିରଫ୍ କରାଯାଇ କୋର୍ଟ ଚାଲାଣ କରିବା ପାଇଁ ବିଭିନ୍ନ ଥାନାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବେଆଇନ ପରିବହନରେ ଚଣ୍ଡିଖୋଲ ସଂଘର ଦୁଇ ଜଣ ଗାଡ଼ି ମାଲିକ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ଧର୍ମଶାଳାରୁ ବିଭିନ୍ନ ଜିଲାକୁ ନିର୍ଦ୍ଧାରିତ ପାସିଙ୍ଗ ଅନୁଯାୟୀ ପରିବହନ କରାଯାଉଥିଲା ବେଳେ ଢେଙ୍କାନାଳ ଓ ଖୋର୍ଦ୍ଧା ଜିଲାରୁ ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଅଂଚଳକୁ ଓଭର ଲୋଡ଼ିଂ ମାଲ ପରିବହନ କରାଯାଉଛି। ଫଳରେ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ସଂଘ ପକ୍ଷରୁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଧାର୍ଯ୍ୟ ପରିମାଣ ଠାରୁ ଅଧିକ ପରିବହନ କଲେ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ କଠୋର ନିୟମ ଥିବା ସତ୍ତ୍ୱେ ବହୁ ଗାଡ଼ି ମାଲିକମାନେ ଏହାକୁ ମାନୁ ନାହାଁନ୍ତି। ଫଳରେ ଅତ୍ୟାଧିକ ମାଲ ପରିବହନ ଯୋଗୁ ରାସ୍ତା ଘାଟ ନଷ୍ଟ ହେବା ସହ ବହୁ ଧନ ଜୀବନ ନଷ୍ଟ ହେଉଛି। ଏହି ବେଆଇନ ପରିବହନକୁ ବନ୍ଦ କରିବା ପାଇଁ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ଏକ ମାସ ହେବ ବିଭିନ୍ନ ସଚେତନାତ୍ମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଅଛି। ଓଭର ଲୋଡ଼ିଂ ବନ୍ଦ ପାଇଁ ସଂଘ ପକ୍ଷରୁ ରାଜ୍ୟ ପରିବହନ ସଚିବ ଅରୁଣ ବୋଥ୍ରା, ସହକାରୀ ସଚିବ ଲାଲ ମୋହନ ସେଠୀ, ଯାଜପୁର ଜିଲ୍ଲାପାଳ ଚକ୍ରବର୍ତି ସିଂ ରାଠୋର, ଜିଲ୍ଲା ପୋଲିସ ଅଧିକ୍ଷକ ପି.ଆର.ରାହୁଲ, ଚଣ୍ଡିଖୋଲ ଆଂଚଳିକ ପରିବହନ ଅଧିକାରୀ, ଧର୍ମଶାଳା ବିଧାୟକଙ୍କୁ ଭେଟି ଧର୍ମଶାଳା ସମେତ ସମଗ୍ର ରାଜ୍ୟରେ ଓଭର ଲୋଡ଼ିଂ ବନ୍ଦ କରିବା ପାଇଁ ଅନୁରୋଧ କରାଯାଇଥିଲା। ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର ଏତାଦୃଶ୍ୟ ଦାବୀକୁ ଜିଲ୍ଲା ପ୍ରଶାସନ ଶତ ପ୍ରତିଶତ ସମର୍ଥନ କରିବା ସହ ସଂଘର ଦାବୀକୁ ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଲୋଡ଼ିଂ ପଏଂଟରୁ ଗାଡ଼ିଗୁଡ଼ିକୁ ପାସିଙ୍ଗ ଠାରୁ ଅଧିକ ଲୋଡ଼ ନଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଗାଡ଼ି ମାଲିକମାନେ ଏହି ନିୟମକୁ ନମାନିବେ ସେମାନଙ୍କ ଉପରେ ଏକ ଲକ୍ଷ ୨୦ହଜାର ଟଙ୍କା ଜୋରିମାନା କରିବା ସହ ଏକ ବର୍ଷ ପାଇଁ ଗାଡ଼ିର ପରିମିଟ କ୍ୟାନସଲ କରିବା ପାଇଁ ବିଭିନ୍ନ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅମୀତ କୁମାର ସାହୁ, ମୁଖ୍ୟ ଉପଦେଷ୍ଟା ଚନ୍ଦନ କୁମାର ନାୟକ, ବିନୋଦ ନାୟକ, କୋଷାଧ୍ୟକ୍ଷ ରଂଜନୀକାନ୍ତ କର, ମୁଖପାତ୍ର ପ୍ରଭାତ କୁମାର ରାଉତ, ସରୋଜ କୁମାର ଧିର , ସନା ବାବୁ ପ୍ରମୋଦ କବି, ସନ୍ତୋଷ ପୃଷ୍ଟି, ମୁଜୁବୁର ରହେମାନ, ରଣଜିତ ଜେନା, ଚଗଲା ପାତ୍ର, ତପନ କରିଡ଼ା, ବୁନା ପରିଡ଼ା, ବୁନା ବେହେରା, ବିପିନ ନାୟକ, ଜଗନ୍ନାଥ ସାମଲ ସମେତ ଶତାଧିକ ଟ୍ରକ୍ ମାଲିକ ଉପସ୍ଥିତ ଥିଲେ।

## ପାରାଦୀପ ବନ୍ଦର ଟ୍ରଷ୍ଟ ବୋର୍ଡ ନିର୍ବାଚନକୁ ଫେରିଲେ ପରେଶ ମୁର୍ମୁ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ଟ୍ରଷ୍ଟ ବୋର୍ଡର ସଦସ୍ୟତା ନିମନ୍ତେ ଆସନ୍ତା ୨୮ ତାରିଖ ଦିନ ନିର୍ବାଚନ ଅନୁଷ୍ଠିତ ହେବ । ଏହି ନିର୍ବାଚନରେ ପାରାଦୀପ ପୋର୍ଟ ମଜଦୁର ସଂଘର ପ୍ରାର୍ଥୀ ଭାବେ ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ପ୍ରାର୍ଥୀ ପତ୍ର ଯାଂଚ ସମୟରେ ପରେଶଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଥିଲା । ପ୍ରାର୍ଥୀପତ୍ର କାୟମ ରଖିବା ପାଇଁ ଉଦ୍ୟମ ଜାରୀ ରଖିଥିବା ବେଳେ ପରେଶଙ୍କୁ ସମର୍ଥନ ଦେଇଛି ଡ.ବି.ଆର୍.ଆମ୍ବେଦକର ଶ୍ରମିକ ସଂଘ । ରବିବାର ସଂଧ୍ୟାରେ ସଂଘର ସାଧାରଣ ସମ୍ପାଦକ ନାରାୟଣ ଦାସ ତାଙ୍କ ୟୁନିୟନର ପ୍ରାର୍ଥୀ ଭାବେ ପରେଶ ମୁର୍ମୁଙ୍କୁ ଘୋଷଣା କରିଥିଲେ। ଏହି ଘୋଷଣା ପରେ ନିର୍ବାଚନରୁ ଏକ ପ୍ରକାରର ଆଉଟ୍ ହେଉଥିବା ପରେଶ ନିର୍ବାଚନୀ ମଇଦାନକୁ ଜୋରଦାର କମବ୍ୟାକ୍ କରିଛନ୍ତି । ପ୍ରାର୍ଥୀ ଭାବେ ତାଙ୍କୁ ଅଶୋକ ଚକ୍ର ଚିହ୍ନ ମିଳିଛି । ପାରାଦୀପ ବନ୍ଦର ଟ୍ରଷ୍ଟ ବୋର୍ଡର ପୂର୍ବତନ ସଦସ୍ୟ ଭାବେ ତାଙ୍କ ବହୁତ ଅଭିଜ୍ଞତା ରହିଛି ପରେଶଙ୍କର, ତେଣୁ ତାଙ୍କୁ ଅଶୋକ ଚକ୍ର ଚିହ୍ନରେ ଭୋଟ ଦେବାକୁ ତାଙ୍କ ସମର୍ଥକମାନେ ନିବେଦନ କରିଛନ୍ତି ।

# ଆଦିବାସୀ ପଲ୍ଲୀରେ ସବୁଜ ଦୀପାବଳି : ବାଣ ବଦଳରେ ବେଲୁନ୍ ଫୁଟାଇଲେ ବନବାସୀ



ଭୁବନେଶ୍ୱର,(ପି.ଏନ): ଆଲୋକର ପର୍ବ ଦୀପାବଳୀକୁ ଏକ ନିଆରା ଓ ନିରାଡ଼ମ୍ବର ଭାବେ ବନବାସୀମାନେ ପାଳନ କରିଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡମ୍‌ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା କନ୍ଦଳେଇ ଆଦିବାସୀପଲ୍ଲୀର କୁନି କୁନି ପିଲାମାନେ ଭିନ୍ନ ଢଙ୍ଗରେ ସବୁଜ ଦୀପାବଳୀ ପାଳନ କରି ସାରା ବିଶ୍ୱକୁ ପ୍ରକୃତି ପ୍ରେମର ବଳିଷ୍ଠ ବାର୍ତ୍ତା ଦେଇଛନ୍ତି 'ପ୍ରଦୂଷଣମୁକ୍ତ ଶବ୍ଦ ଓ ବାୟୁ, ସବୁଜ ଦୀପାବଳୀ ବଢ଼ାଏ ଆୟୁ'।ବିପଦ ଓ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣକୁ ନ ଫୁଟାଇ ତା' ବଦଳରେ ରଙ୍ଗ, ବେରଙ୍ଗର ବେଲୁନ୍‌କୁ ଫୁଟାଇ ଏବଂ ଦୀପ ଜାଳି ବେଶ୍ ଉତ୍ସାହର ସହ ଉତ୍ସବଟିକୁ ବନବାସୀମାନେ ପାଳନ କରିଥିଲେ। ଉକ୍ତ ଉତ୍ସବରେ ନା ଥିଲା ପ୍ରଦୂଷଣ ସୃଷ୍ଟିକାରୀ ବାଣ, ନା ଥିଲା ବିଷାକ୍ତ ଧୂଆଁ, ନା ଥିଲା ଶବ୍ଦ ପ୍ରଦୂଷଣ। ଗାଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁଙ୍କ ବାଣ ବଦଳରେ ବେଲୁନ୍ ଚିନ୍ତାଧାରାକୁ ବନବାସୀମାନେ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଥିଲେ। ଉତ୍ସବରେ କୁନି କୁନି ପିଲାମାନଙ୍କୁ ମିଠେଇ, ଚକୋଲେଟ୍, ବିସ୍କୁଟ୍ ଇତ୍ୟାଦି ବଣ୍ଟନ କରି ପରସ୍ପରକୁ ଦୀପାବଳୀର ଶୁଭେଚ୍ଛା ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଚନ୍ଦ୍ରଶେଖର ପାଲ, ସାମାଜିକ କର୍ମୀ ସନ୍ତୋଷୀ ଜୈନ, ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ମାଝୀ, ଶିକ୍ଷକ ସୁବାସ ଓଝା ପ୍ରମୁଖ ଯୋଗଦେଇ ଆଦିବାସୀପଲ୍ଲୀ ଏବଂ ବିଦ୍ୟାର୍ଥୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଭଳି ନିଆରା ଓ ସମୟୋପଯୋଗୀ କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗ ପ୍ରଶଂସା କରିଥିଲେ।

# ମା ଦକ୍ଷିଣ କାଳୀ ମନ୍ଦିରରେ କାଳୀ ପୂଜା ଓ ଦୀପାବଳି ଉତ୍ସବ




ଭୁବନେଶ୍ୱର,(ପି.ଏନ): ଚନ୍ଦ୍ରଶେଖରପୁର ପ୍ରେସ୍ କଲୋନୀ ସ୍ଥିତ ମା ଦକ୍ଷିଣ କାଳୀ ମନ୍ଦିରରେ ମା କାଳୀଙ୍କ ପୂଜା ଆରମ୍ଭ ହେବା ସହ ଦୀପାବଳି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରବିବାର ରାତିରେ ଅଙ୍କୁରାରୋପଣ ହୋଇ ସୋମବାର ସକାଳେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମନ୍ଦିରର ସମ୍ପାଦକ ଜନକର ସାହୁଙ୍କ ଭକ୍ତାବଧାନରେ ସ୍ଥାନୀୟ ସପ୍ତମ ବାଟାଲିୟନ ପୁଷ୍କରଣୀରୁ ପାଣି ଗ୍ରହଣ କରାଯିବା ପରେ ଘଟସ୍ଥାପନ, ମଣ୍ଡଳ ପୂଜା, ଉପଚାର ପୂଜା, ଚଣ୍ଡୀପାଠ, ସନ୍ଧିପୂଜା, ୧୦୮ ଦୀପ ଉତ୍ସର୍ଗ, କୁଷ୍ମାଣ୍ଡ ବଳିଦାନ, ଆଳତି ଓ ପୁଷ୍ପାଳି ଅନୁଷ୍ଠିତ ହୋଇଥିଲା। ମନ୍ଦିରରେ ବହୁ ଭକ୍ତ ଉପସ୍ଥିତ ରହି ଦୀପାବଳି ଉତ୍ସବ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୧୨ ନମ୍ବର ଓାର୍ଡ କର୍ପୋରେଟର ଜୟନ୍ତୀ ସାହୁ ଯୋଗଦେଇ ମା ଙ୍କ ଆଶୀର୍ବାଦ ଲାଭ କରିବା ସହିତ କାର୍ଯ୍ୟରତ ପୋଲିସ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରି ମିଠା ଖୁଆଇ ଦୀପାବଳି ମନାଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ପ୍ରଶନ୍ନ କୁମାର ସାହୁ, ଚଗଲା ଜେନା, ମିଟୁ ପରିଡା, ଗଗନ ପଣ୍ଡା ଓ ବାବୁ ଭାଇ ଟିମର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ପୁଜା ଛଅ ଦିନ ଧରି ଚାଲିବ। ଦର୍ଶକଙ୍କ ମନୋରନ ପାଇଁ ମୀନା ବଜାର, ଦୋଳିର ବ୍ୟବସ୍ଥା କରାଯାଇଛି। ତିନିଦିନ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ଜଣା ଯାଇଛି।

## ପାରାଦୀପ ବନ୍ଦର ଟ୍ରଷ୍ଟ ବୋର୍ଡ ନିର୍ବାଚନ - ନିର୍ବାଚନୀ ହିଂସାକୁ ନେଇ ଦୁଇ ପକ୍ଷଙ୍କ ଥାନାରେ ଏତଲା

ପାରାଦୀପ, (ପି.ଏନ): ଚଳିତ ମାସରେ ୨୮ ତାରିଖ ଦିନ ପାରାଦୀପ ବନ୍ଦର ଟ୍ରଷ୍ଟ ବୋର୍ଡର ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ପ୍ରାର୍ଥୀମାନେ ନିଜ ନିଜ ସମର୍ଥକମାନଙ୍କୁ ନେଇ ନିଜ ସପକ୍ଷରେ ପ୍ରଚାର ଜାରୀ ରଖିଛନ୍ତି । ଏଭଳି ସମୟରେ ଗତ ରବିବାର ଦିନ ରାତିରେ ନିର୍ବାଚନୀ ହିଂସାକୁ ନେଇ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି । ଏହି ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ବନ୍ଦର ମଜଦୁର ସଂଘର ପ୍ରାର୍ଥୀ ଶ୍ରୀକାନ୍ତ ରାୟଙ୍କୁ ଆଉ ଜଣେ ପ୍ରାର୍ଥୀଙ୍କ ସମର୍ଥକ ଦେବ ପ୍ରସାଦ ସାହୁ ଓ ତାଙ୍କ ସହଯୋଗୀମାନେ ଆକ୍ରମଣ କରିଥିବା ନେଇ ପାରାଦୀପ ଥାନାରେ ଶ୍ରୀକାନ୍ତ ଅଭିଯୋଗ କରିଥିବା ବେଳେ ଦେବ ପ୍ରସାଦଙ୍କୁ ଶ୍ରୀକାନ୍ତଙ୍କ ସମର୍ଥକମାନେ ଆକ୍ରମଣ କରିଥିବା ନେଇ ଦେବ ପ୍ରସାଦ ଥାନାରେ ଅଭିଯୋଗ କରିଛନ୍ତି ।

# ସାମୁଦ୍ରିକ ଝଡ ସିତ୍ରଙ୍ଗ ପ୍ରଭାବରେ ପାରାଦୀପ ବନ୍ଦରରେ ଆଶ୍ରୟ ନେଇଥିବା ୪୦ ଆନ୍ଧ୍ର ମାଛଧରା ବୋଟ୍‌ଙ୍କ ପ୍ରତ୍ୟାବର୍ତ୍ତନ



ପାରାଦୀପ,(ପି.ଏନ): ସାମୁଦ୍ରିକ ଝଡ ସିତ୍ରଙ୍ଗ ପ୍ରଭାବରେ ବଙ୍ଗୋପ ସାଗର ଅଶାନ୍ତ ରହିଥିଲା । ଗଭୀର ସମୁଦ୍ରରେ ଥିବା ୪୦ ଗୋଟି ମାଛଧରା ବୋଟ୍ ଗଭୀର ସମୁଦ୍ର ମଧ୍ୟରେ ରହିଥିଲେ । ସମୁଦ୍ର ଅଶାନ୍ତ ହେଉଥିବା ଦେଖି ସେମାନେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ସହାୟତା ଲୋଡିଥିଲେ । ମାନବିକତା ଦୃଷ୍ଟିରୁ ସେମାନଙ୍କୁ ସହାୟତା ଦେବା ପାଇଁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ନିର୍ଦ୍ଦେଶ ଦେଇଥିଲେ । ଏହି ୪୦ ଗୋଟି ମାଛଧରା ବୋଟ୍ ପାରାଦୀପ ବନ୍ଦର ପୋତାଶ୍ରୟ ମଧ୍ୟକୁ ଆସି ସିକ୍ୟୁ-୧ ବର୍ଥରେ ଆଶ୍ରୟ ନେଇଥିଲେ। ସେଠାରେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ରହିବା, ଖାଇବା ଆଦିର ବନ୍ଦୋବସ୍ତ କରାଯାଇଥିଲା। ପାଗରେ ସୁଧାର ଆସିବା ପରେ ସେମାନେ ମଙ୍ଗଳବାର ଦିନ ଗନ୍ତବ୍ୟସ୍ଥଳକୁ ଫେରିଯାଇଛନ୍ତି । ପାରାଦୀପ ବନ୍ଦର ସେମାନଙ୍କୁ ଅସମୟରେ ମାନବିକତା ଦେଖାଇଥିବାରୁ ମତ୍ସ୍ୟଜୀବୀମାନେ ବନ୍ଦର କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ସରକାରୀ ଅନୁଦାନ ପାଇବା ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ଖୋର୍ଦ୍ଧା,(ପି.ଏନ): ବେସରକାରୀ ଅନୁଦାନ ଓ ଅଣଅନୁଦାନ ପ୍ରାପ୍ତ (+୨ ଓ +୩) ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ସଂଘ (୨୦୦୮-୨୦୧୩), ଓଡ଼ିଶା, ଖୋର୍ଦ୍ଧା ତରଫରୁ ତା ୨୩.୧୦.୨୦୨୨ ରିଖ ରବିବାର ଦିନ ଏକ ବୈଠକ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ଭୁପିନ୍ଦର ସିଂ ଯୋଗଦେଇଥିଲେ। ଏହି ସଭାରେ ଖୋର୍ଦ୍ଧା ତରଫରୁ ସଭାପତି ଡଃ. ସୂର୍ଯ୍ୟନାରାୟଣ ପଣ୍ଡା, ସମ୍ପାଦକ ଡଃ ସୁକାନ୍ତ ବେହେରା, ସୁଜାତା ମହାରଣା, ଶେଖ ଅରଶଦ୍ ଉଲ୍ ହକ୍, ଅଲିଭା ବେଉରା, ସରୋଜ କୁମାର ମହାରଣା ଓ ବାସୁଦେବ ସେଠୀ ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସରକାରୀ ଅନୁଦାନ ପ୍ରଦାନ ନିମନ୍ତେ ଶ୍ରୀଯୁକ୍ତ ଭୁପିନ୍ଦର ସିଂ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଦାବିପତ୍ରକୁ ସାଦରେ ଗ୍ରହଣ କରିବା ସହିତ ଅମୃତ ଭାଷାରେ ପ୍ରତିଶ୍ରୁତି ଦେଇ ୦୧.୦୬.୨୦୦୮ ଠାରୁ ୩୦.୧୧.୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀମାନଙ୍କର ସମସ୍ୟାର ସମାଧାନ ନିମନ୍ତେ ଆସନ୍ତା ତା ୨୬.୧୦.୨୦୨୨ ରିଖ ଦିନ ଉଚ୍ଚଶିକ୍ଷା ବିଭାଗର ଷ୍ଟାଣ୍ଡିଙ୍ଗ କମିଟିରେ ଆଲୋଚନା କରାଯିବ ଓ ଯଥାଶିଘ୍ର କାର୍ଯ୍ୟରେ ରୂପାନ୍ତରିତ କରାଯିବ ବୋଲି ମନ୍ତବ୍ୟ ପ୍ରଦାନ କରିଥିଲେ। ଏହିଭଳି ପ୍ରତିଶ୍ରୁତି ପାଇବା ପରେ ସଂଘର ସମସ୍ତ କର୍ତ୍ତାମାନେ ଅଧ୍ୟକ୍ଷ ଶ୍ରୀଯୁକ୍ତ ଭୁପିନ୍ଦର ସିଂଙ୍କ ଉପରେ ଖୁସିବ୍ୟକ୍ତ କରିଥିଲେ। ତାଙ୍କର ଏହିପରି ଭାବରେ ପ୍ରତିଶ୍ରୁତି ଓ ଆଶ୍ୱସନା ଦେଇଥିବାରୁ ସମସ୍ତ କର୍ମଚାରୀବୃନ୍ଦ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଆଶା କରି ଧନ୍ୟବାଦ ଅର୍ପଣ କରିଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray